୬ ଫାଇନାଲ୍‌ରେ ସ୍ଥାନ ପକ୍କାକଲେ ନୀରଜ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୧ ● ସଂଖ୍ୟା–୧୯୧ ● ୭ ଅଗଷ୍ଟ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-191 ● 7th August 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

## ମୁଖ୍ୟମନ୍ତ୍ରୀଙ୍କ ସହିତ ନୀତି ଆୟୋଗ ସିଇଓଙ୍କ ଆଲୋଚନା

# ୧.୫୦ ଟ୍ରିଲିଅନ ଡଲାରରେ ପହଞ୍ଚିବ ଓଡ଼ିଶା ଅର୍ଥନୀତି

ଭୁବନେଶ୍ୱର, ୬।୮
ନ୍ୟୁଜ୍ ବ୍ୟୁରୋ

ବିକଶିତ ଓଡିଶାର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନୀତି ଆୟୋଗ ଆଗେଇ ଆସିଛି। ମଙ୍ଗଳବାର ଲୋକସେବା ଭବନରେ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବି.ଭି.ଆର ସୁବ୍ରମଣ୍ୟମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡିଶା ପାଇଁ ଏକ ଭିଜନ ଡକ୍ୟୁମେଣ୍ଟ ୨୦୩୬ ଏବଂ ଭିଜନ ଡକ୍ୟୁମେଣ୍ଟ ୨୦୪୭ ପ୍ରସ୍ତୁତ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ବିକାଶର ବ୍ୟାପକ ସମ୍ଭାବନା ରହିଛି। ସମ୍ଭାବନାକୁ ସଫଳତାରେ ପରିଣତ କରିବା ଓ ଉପଯୁକ୍ତ କାର୍ଯ୍ୟାନ୍ୱୟନ ଦ୍ୱାରା ବିକାଶର ଲକ୍ଷ୍ୟ ହାସଲ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତରେ ଓଡିଶା ଏକ ଗ୍ରୋଥ ଇଞ୍ଜିନ ହେବାର ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ। ଏହା ପୂର୍ବରୁ ୨୦୩୬ରେ ସ୍ୱତନ୍ତ୍ର ଓଡିଶା ଗଠନର ୧୦୦ ବର୍ଷ ପୂରଣ ହେଉଛି । ତେଣୁ ୨୦୩୬ ଓ ୨୦୪୭କୁ ଲକ୍ଷ୍ୟ ରଖି ଦୁଇଟି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ ଯେ ବର୍ତ୍ତମାନ ଓଡ଼ିଶାର ଅର୍ଥନୀତିର ଆକାର ୧୦୦ ବିଲିଅନ ଡଲାରୁ ଅଧିକ ଅଛି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫୦ ଟ୍ରିଲିଅନ ଡଲାର ଅର୍ଥନୀତି ହାସଲ କରିବା ପାଇଁ ଓଡ଼ିଶା ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ।



ନୀତି ଆୟୋଗର ସି.ଇ.ଓ ଶ୍ରୀ ସୁବ୍ରମଣ୍ୟମ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଓଡିଶାର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ରହିଛି।୨୦୪୭ର ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ସବୁ *(ପୃଷ୍ଠା ୭ରେ)*

# ବାଂଲାଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ନେଇ ଭାରତ ଚିନ୍ତିତ

ନୂଆଦିଲ୍ଲୀ, ୬।୮

ବାଂଲାଦେଶର ଖରାପ ସ୍ଥିତି ସମ୍ପର୍କରେ ସଂସଦରେ ସୂଚନା ଦେଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର । ମଙ୍ଗଳବାର ରାଜ୍ୟସଭାରେ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଆମେ ପରିସ୍ଥିତି ଉପରେ ନଜର ରଖିଛୁ। ୨୦୨୪ ଜାନୁଆରୀରେ ହୋଇଥିବା ନିର୍ବାଚନ ପରଠାରୁ ବାଂଲାଦେଶରେ ଉତ୍ତେଜନାର ବାତାବରଣ ସୃଷ୍ଟି ହୋଇଛି । ଏହାକୁ ନେଇ ଜୁନ ମାସରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀ କୋଠା ଓ ଭିତ୍ତିଭୂମି ଉପରେ ଆକ୍ରମଣ ହୋଇଛି ବୋଲି ସେ କହିଛନ୍ତି । ଜୁଲାଇ ମାସ ସାରା ହିଂସା କାଣ୍ଡ ଲାଗି ରହିଛି। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ସଂଖ୍ୟାଲଘୁଙ୍କ ଦୋକାନ ଓ ମନ୍ଦିରରେ ଅନେକ ସ୍ଥାନରେ ଆକ୍ରମଣ ହେବା ଆମ ପାଇଁ ଚିନ୍ତାର ବିଷୟ ହୋଇଛି । ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିନାହିଁ।

ସେ କହିଛନ୍ତି, ବାଂଲାଦେଶ ଆମର ଅତି ନିକଟତର। ଜାନୁଆରୀ ମାସରୁ ଏହାକୁ ନେଇ ଉତ୍ତେଜନା ଲାଗି ରହିଛି। ଜୁନ୍-ଜୁଲାଇ ମାସରେ ଏହି ହିଂସାକାଣ୍ଡ ଘଟିଥିଲା। ଆମେ ସେଠାକାର ରାଜନୈତିକ ଦଳମାନଙ୍କ ସହ ଯୋଗାଯୋଗରେ ଥିଲୁ । ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପରେ ବାଂଲାଦେଶର ସ୍ଥିତି ବଦଳିଗଲା ଏବଂ ପରିସ୍ଥିତି ଏପରି ବଦଳିଗଲା ଯେ ହସିନାଙ୍କୁ ଇସ୍ତଫା ଦେବାକୁ ପଡ଼ିଲା । ଅଗଷ୍ଟ ୪ ରେ ସ୍ଥିତି ସବୁଠାରୁ ଖରାପ ହୋଇଥିଲା। ସବୁଠାରୁ ବଡ଼ କଥା ହେଉଛି ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଚିନ୍ତାର ବିଷୟ। ଶେଖ ହସିନା ଏବେ ଭାରତରେ ଅଛନ୍ତି । *(ପୃଷ୍ଠା ୭ରେ)*

## ସର୍ବଦଳୀୟ ବୈଠକରେ ଭାରତୀୟଙ୍କୁ ସୁରକ୍ଷିତ ଫେରାଇ ଆଣିବା ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ, ୬।୮

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ନେଇ ଦିଲ୍ଲୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ଅଧ୍ୟକ୍ଷତାରେ ଏକ ବୈଠକର ଅନୁଷ୍ଠିତ ହୋଇଯାଇଛି ।

ସଂସଦ ଭବନ ପରିସରରେ ବସିଥିବା ସର୍ବଦଳୀୟ ବୈଠକରେ ଯୋଗଦେଇଥିବା ସବୁ ଦଳର ନେତାଙ୍କୁ ବାଂଲାଦେଶ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର।

ବାଂଲାଦେଶରୁ ଭାରତୀୟଙ୍କୁ ସୁରକ୍ଷିତ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହାସହ ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର କହିଛନ୍ତି, ଶେଖ ହସିନାଙ୍କୁ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ । ଏହି ବୈଠକରେ ଇଣ୍ଡିଆ ମେଣ୍ଟର ନେତାଙ୍କ ସମେତ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡଗେ ସାମିଲ ହୋଇଥିଲେ।

ବାଂଲାଦେଶରେ ଥିବା ୮ହଜାର ଛାତ୍ରଛାତ୍ରୀ ଭାରତ ଫେରିଥିବା ବେଳେ ଅନ୍ୟ ଭାରତୀୟଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଏସ ଜୟଶଙ୍କରଙ୍କ ବ୍ୟତୀତ ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ମଧ୍ୟ ଯୋଗ ଦେଇଥିଲେ।

## ଖାଲେଦା ଜିଆ ମୁକ୍ତ ହେବେ



ଢାକା : ୬।୮

ବାଂଲାଦେଶରେ ହିଂସା ପରିସ୍ଥିତି ଓ ରାଜନୈତିକ ଅସ୍ଥିରତା ମଧ୍ୟରେ ରାଷ୍ଟ୍ରପତି ମହମ୍ମଦ ସାହାବୁଦ୍ଦିନ ବାଂଲାଦେଶ ନ୍ୟାସନାଲ ପାର୍ଟିର ମୁଖ୍ୟ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ବେଗମ୍ ଖାଲେଦା ଜିଆଙ୍କୁ ଜେଲ୍‌ରୁ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯୋଗୁ ତାଙ୍କୁ ୧୭ବର୍ଷ ଜେଲ୍ ଦଣ୍ଡ ମଧ୍ୟରୁ ୬ବର୍ଷ ଜେଲ୍ ଦଣ୍ଡ ପରେ ମୁକ୍ତ କରାଯିବ। ତାଙ୍କର ମୁକ୍ତି ପରେ ସେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ୪୮ ଘଣ୍ଟାରେ ଭାରତ ଛାଡ଼ିବେ ଶେଖ୍ ହସିନା !

ନୂଆଦିଲ୍ଲୀ : ୬।୮

ବାଂଲାଦେଶରେ ହିଂସା କାଣ୍ଡ ପରେ ଦେଶ ଛାଡ଼ି ପଳାଇ ଆସିଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଆସନ୍ତା ୪୮ ଘଣ୍ଟା ମଧ୍ୟରେ ୟୁରୋପ ଗସ୍ତ କରିବେ ବୋଲି ଜଣାପଡ଼ିଛି । ତେବେ ସେ ୟୁରୋପର କେଉଁ ଦେଶକୁ ଯିବେ ସେ ନେଇ କୌଣସି ସଠିକ ସୂଚନା ମିଳିନାହିଁ । କେତେକ ରିପୋର୍ଟ ଅନୁସାରେ ସେ ରୁଷ କିମ୍ବା ଫିନଲାଣ୍ଡ ଯାଇପାରନ୍ତି । ପୂର୍ବରୁ ସେ ଲଣ୍ଡନ ଯିବେ ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ବ୍ରିଟେନ ତାଙ୍କ ଦେଶକୁ ଆସିବାକୁ ଅନୁମତି ଦେଇନଥିଲା। ଏଥିସହିତ ଆମେରିକା ମଧ୍ୟ ତାଙ୍କ ଭିସା ବାତିଲ କରିଛି।

ବର୍ତ୍ତମାନ ସେ ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ହିଣ୍ଡନ ଏୟାରବେସରେ ଏକ ସୁରକ୍ଷିତ ଘରେ *(ପୃଷ୍ଠା ୭ରେ)*



# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ

ନୂଆଦିଲ୍ଲୀ : ୬।୮

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମିଳିଛି ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନ। ଫିଜିର ରାଷ୍ଟ୍ରପତି ରାତୁ ୱିଲିୟମ ମିଆଭାଲିଲି କାଟୋନିଭେରେ ତାଙ୍କୁ 'କମ୍ପାନୀୟନ ଅଫ୍ ଦି ଅର୍ଡର ଅଫ୍ ଫିଜି' ସମ୍ମାନରେ ସମ୍ମାନୀତ କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ ଏବେ ଦୁଇ ଦିନିକିଆ ଫିଜି ଗସ୍ତରେ ରହିଛନ୍ତି।

ଏହି ଗସ୍ତ ସମୟରେ ତାଙ୍କୁ ଏପରି ସମ୍ମାନ ମିଳିଛି। ଏହି ସମ୍ମାନ ଭାରତ ଓ ଫିଜି ମଧ୍ୟରେ ଥିବା ଗଭୀର ବନ୍ଧୁତାର ପ୍ରତିଫଳନ ବୋଲି ରାଷ୍ଟ୍ରପତି ମୁର୍ମୁ ଅଭିହିତ କରିଛନ୍ତି। ଭାରତର ପ୍ରଥମ ରାଷ୍ଟ୍ରମୁଖ୍ୟ ଭାବେ ଫିଜି ଗସ୍ତ କରିଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେଠାକାର ସଂସଦକୁ ମଧ୍ୟ ସମ୍ବୋଧନ କରିଥିଲେ।

ସେଠାରେ ସେ କହିଛନ୍ତି ଯେ ଭାରତ ବିଶ୍ୱ ମଞ୍ଚରେ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହେଉଥିବା ବେଳେ ଆମେ ଫିଜି ସହ ଭାଗିଦାରୀ କରିବାକୁ ପ୍ରସ୍ତୁତ। ଫିଜିର ପ୍ରାଥମିକତାକୁ ଭିତ୍ତିକରି ଦେଶକୁ ଅଧିକ ସଶକ୍ତ କରିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।



ରାଷ୍ଟ୍ରପତି ମୁର୍ମୁ ଫିଜିରେ ପହଞ୍ଚିବା ପରେ ତାଙ୍କୁ ସେଠାକାର ରାଷ୍ଟ୍ରପତି କାଟୋନିଭେରେ ଷ୍ଟେଟ ହାଉସରେ ସ୍ୱାଗତ କରିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଦ୍ୱିପାକ୍ଷିକ *(ପୃଷ୍ଠା ୭ରେ)*

## ଲାଲକୃଷ୍ଣ ଆଡଭାନୀ ପୁଣି ହସ୍ପିଟାଲରେ ଭର୍ତ୍ତି

ନୂଆଦିଲ୍ଲୀ : ୬।୮

ବିଜେପିର ବରିଷ୍ଠନେତା ଲାଲକୃଷ୍ଣ ଆଡଭାନୀ ପୁଣି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କୁ ଦିଲ୍ଲୀର ଆପୋଲୋ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ପୂର୍ବରୁ ଏକମାସ ତଳେ ସେ ସ୍ୱାସ୍ଥ୍ୟଗତ କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମଙ୍ଗଳବାର ସକାଳେ ଲାଲ କୃଷ୍ଣ ଆଡଭାନୀଙ୍କୁ ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲର ସ୍ନାୟୁବିଜ୍ଞାନ ବିଭାଗରେ ଭର୍ତ୍ତି କରାଯାଇଛି।



୯୬ ବର୍ଷ ବୟସ୍କ ଆଡଭାନୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ତାଙ୍କର ଚିକିତ୍ସା କରୁଥିବା ନ୍ୟୁରୋଲୋଜିଷ୍ଟ ଡାକ୍ତର ଭୀନିତ ସୁରି ସୂଚନା ପ୍ରଦାନ *(ପୃଷ୍ଠା ୭ରେ)*

## ଚଢ଼ା ଦରରେ ଆଳୁ ବିକିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୬।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆଳୁ ସଙ୍କଟର ସମାଧାନ ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଣିକି ଉତ୍ତରପ୍ରଦେଶରୁ ଓଡ଼ିଶାକୁ ଆଳୁ ଆଣିବାର ବ୍ୟବସ୍ଥା କରାଯିବ। ଏ ସଂକ୍ରାନ୍ତରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଏକ



ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଭାଗୀୟ ସଚିବ ବିଭି ଯାଦବ, ବରିଷ୍ଠ ଅଧିକାରୀ,ନାଫେଡ ଅଧିକାରୀ, ରାଜ୍ୟ ବ୍ୟବସାୟୀ ମହାସଂଘ *(ପୃଷ୍ଠା ୭ରେ)*

## ଆଜି କ୍ୟାବିନେଟ୍

ଭୁବନେଶ୍ୱର, ୬।୮
ନ୍ୟୁଜ୍ ବ୍ୟୁରୋ

ବୁଧବାର ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ ଟା ୩୦ରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିପାରେ ।

## ଏକାଳ ପଖାଳ



ଆଳୁ ରେଟେଟା କୁଆଡୁ କମୁଛି
କାହାକୁ ପଡେନି ଜଣା
ସାଧାରଣ ଲୋକ ଆଳୁକୁ ଛୁଇଁଲେ
ଦଂଶଇ ଯେପରି ରଣା
ନେତାଙ୍କ କଥା ହୁଏ ବାଟବଣା
ଅଳପ ଦରରେ ସପନେ ମିଳଇ
ଦିନରେ ଶୂନ୍ୟ ମୁଣା।

# ରାଜ୍ୟରେ ଆଉ ତିନିଦିନ ବର୍ଷା



ଭୁବନେଶ୍ୱର, ୬।୮
ନ୍ୟୁଜ୍ ବ୍ୟୁରୋ

ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଆଖପାଖରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ। ଏହାସହ ରାଜ୍ୟରେ ସକ୍ରିୟ ରହିଛି ମୌସୁମୀ। ନିମ୍ନଚାପ ରେଖା ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୯ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। କଟକ, ନୟାଗଡ, ଅନୁଗୁଳ, ବୌଦ୍ଧ, ସୁନ୍ଦରଗଡ, ଝାରସୁଗୁଡା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ଏହିସବୁ ଜିଲ୍ଲାରେ ୭୦ରୁ ୨୦୦ମିଲିମିଟର ଯାଏଁ ବର୍ଷା ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ କମିବ ଦୃଶ୍ୟମାନ ଦୂରତା, ସୃଷ୍ଟି ହେବ ଟ୍ରାଫିକ ସମସ୍ୟା, ଭାଙ୍ଗିବ କଚ୍ଚା ଘର, ପ୍ରଭାବିତ ହେବ କଚ୍ଚା ରାସ୍ତା ଏବଂ ତଳିଆ ଅଞ୍ଚଳରେ ସୃଷ୍ଟି ହେବ ଜଳବନ୍ଦୀ ସ୍ଥିତି। ପାହାଡିଆ ଅଞ୍ଚଳରେ ଭୂସ୍ଖଳନର ପରିସ୍ଥିତି ଉପୁଜିପାରେ। ସେହିଭଳି ପ୍ରବଳ ବର୍ଷା ନେଇ ୧୮ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ପୁରୀ , ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଢେଙ୍କାନାଳ, *(ପୃଷ୍ଠା ୭ରେ)*

## ପ୍ରଧାନ ବିଚାରପତିଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ : ୬।୮

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ହତ୍ୟା ଧମକ ମିଳିଛି। ସିଜେଆଇ ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କୁ ଜୀବନରେ ମାରିଦେବାକୁ ମିଳିଛି ହତ୍ୟା ଧମକ। ସୁପ୍ରିମକୋର୍ଟଙ୍କ କୋଟା ଭିତରେ କୋଟା ନିଷ୍ପତ୍ତିରେ ଅସନ୍ତୋଷ ହୋଇ ଜଣେ ବ୍ୟକ୍ତି ସୋସିଆଲ ମିଡିଆରେ ପୋଷ୍ଟ ଲେଖି ଏଭଳି ଧମକ ଦେଇଛନ୍ତି। ଏହାପରେ ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ନାଁରେ ମାମଲା ରୁଜୁ କରିଛି।

ଏସସି/ଏସଟି ମଧ୍ୟରେ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଅଧିକ ପଛୁଆ ଜାତି ପାଇଁ ସୁପ୍ରିମକୋର୍ଟ ସଂରକ୍ଷଣ ଭିତରେ ସବ୍‌କ୍ୟାଟେଗୋରୀ ତଥା କୋଟା ଭିତରେ କୋଟା ଅନୁମୋଦନ କରିଛନ୍ତି। ଅନେକ ରାଜନୈତିକ ଦଳ ମଧ୍ୟ ଏହି ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ଏହି ନିଷ୍ପତ୍ତି ବିଷୟରେ ଏକ ବିତର୍କ ଚାଲିଛି।



ଏସବୁ ମଧ୍ୟରେ ମଧ୍ୟପ୍ରଦେଶର ବେତୁଲ ନିବାସୀ ପଙ୍କଜ ଅତୁଲକର ନାମକ ଜଣେ ବ୍ୟକ୍ତି ଫେସବୁକ ପୋଷ୍ଟରେ ସେ ସିଜେଆଇଙ୍କୁ ହତ୍ୟା କରିବେ ବୋଲି ଲେଖି ଧମକ ଦେଇଛନ୍ତି । କେବଳ ସେତିକି ନୁହେଁ ସେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଲୋକଙ୍କୁ ଦାସ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ସମ୍ବିଧାନର ଉଲ୍ଲଂଘନ ଅଟେ ବୋଲି କହିଛନ୍ତି। *(ପୃଷ୍ଠା ୭ରେ)*

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ

ଭାରତୀୟ ଅର୍ଥନୀତିର ଭବିଷ୍ୟତ ବେଶ ଉଜ୍ଜ୍ୱଳ ଥିଲେ ମଧ୍ୟ ଚୀନ୍ ଅତୀତରେ ଯେଉଁଭଳି ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ମର୍ଗାନ୍ ଷ୍ଟାନ୍‌ଲିର ଏସିଆ ମୁଖ୍ୟ ଅର୍ଥନୀତିଜ୍ଞ ଚେତନ ଆହ୍ୟା ଏହା କହିଛନ୍ତି। ସେ କହିଛନ୍ତି ଯେ ଲମ୍ବା ସମୟ ଭିତ୍ତିରେ ଭାରତ ୬.୫ ପ୍ରତିଶତରୁ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ। କିନ୍ତୁ ୧୯୭୮ର ଅର୍ଥନୈତିକ ସଂସ୍କାର ପରେ ଚୀନ୍ ଯେଉଁଭଳି ତିନି ଦଶନ୍ଧି ଧରି ୮-୧୦% ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ବିଶ୍ୱର ମାନୁଫାକ୍ଚରିଂ ହବ୍ ଭାବେ ଚୀନର ସ୍ଥାନ ନେବାଠାରୁ ଭାରତ ବହୁ ଦୂରରେ ରହିଥିବା ସେ କହିଛନ୍ତି। ଆହ୍ୟାଙ୍କ ମତରେ ଭାରତର ଅଭିବୃଦ୍ଧିରେ ରହିଥିବା ଦୁଇଟି ବଡ଼ ପ୍ରତିବନ୍ଧକ ହେଉଛି ଭିତ୍ତିଭୂମିର ଅଭାବ ଓ ଅଳ୍ପ କୁଶଳୀ ଶ୍ରମଶକ୍ତି। ଏହି ଦୁଇ ବଡ଼ କାରଣ ପାଇଁ ଭାରତର ଅଭିବୃଦ୍ଧି ୬-୭% ମଧ୍ୟରେ ରହିଯିବ। କିଛି ଦିନ ପୂର୍ବେ ମର୍ଗାନ ଷ୍ଟାନ୍‌ଲି ଏକ ରିପୋର୍ଟରେ କହିଥିଲା ଯେ ୨୦୦୩ରୁ ୦୭ ପର୍ଯ୍ୟନ୍ତ ଭାରତ ହାରାହାରି ଭାବେ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିଲା। ବର୍ତ୍ତମାନ ଅର୍ଥନୀତି ଯେଉଁଭଳି ଭାବେ ଗତି କରୁଛି ତାହା ସେହି ସମୟର ସ୍ମୃତିକୁ ତାହା କରିଛି।

ମାନୁଫାକ୍ଚରିଂ କ୍ଷେତ୍ରରେ ଏକ ମହାଶକ୍ତିରେ ପରିଣତ ହେବା ଲାଗି ଭାରତ ଉଦ୍ୟମ କରୁଛି। ଚୀନରୁ ମୁହଁ ଫେରାଉଥିବା କମ୍ପାନିଗୁଡ଼ିକୁ ଆକୃଷ୍ଟ କରିବା ଲାଗି ଏହା ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ସ୍କିମ୍ ଘୋଷଣା କରିଛି। ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଫ୍ୟାବଲେସ୍, ଇଲେକ୍ଟ୍ରିକ୍ ଯାନ ଉପକରଣ କ୍ଷେତ୍ରରେ ଏହା ବିଶେଷ ଅଗ୍ରଗତି ହାସଲ କରିଛି। ଫୋନ୍ ଉତ୍ପାଦନରେ ଏହା ଆପଲ୍ ଓ ସାମସଙ୍ଗ ଭଳି କଂପାନି ଆକୃଷ୍ଟ କରିପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

କେ ରାମ ଭଜୁଛି ବସି କଳି
ଯୁଗେ ଦେଖ
କେ କୃଷ୍ଣ ଭଜୁଛି ବସି
ପଢି ଭାଗବତ (୧୬୨)

କିଏ ଆଲ୍ଲା କିଏ ଖ୍ରୀଷ୍ଟ
ଭଜେ ଦିନ ରାତି
ପ୍ରଭୁଙ୍କୁ ଭେଟିବା ତତ୍ତ୍ୱ
କେହି ନ ଜାଣନ୍ତି (୧୬୩)

ଘର ଦ୍ୱାର ଛାଡି କେତେ
ବାବାଜୀ ହେଲେଣି
ନିଜ ଘରକୁ ନଚିହ୍ନି
ତପସ୍ୟା କଲେଣି (୧୬୪)

ଜୀବ ଉଦ୍ଧାର ପାଇଁ କି
ସମସ୍ତେ ତତ୍ପର
ନିଜ ରକ୍ଷା ନ ଜାଣନ୍ତି
ଏ ମୂର୍ଖ ବର୍ବର (୧୬୫)
(କ୍ରମଶଃ)

# ଗ୍ରାମ ଠାକୁରାଣୀ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଓଡ଼ିଶାରେ ଶକ୍ତି ପୂଜାର ପରମ୍ପରା କେବେଠାରୁ ପ୍ରଚଳିତ ଅଛି ତାହାର କୌଣସି ଇତିହାସ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ପ୍ରତି ଗ୍ରାମମାନଙ୍କରେ ଏହି ପୂଜା ପାଉଥିବା ଠାକୁରାଣୀ ହିଁ ତାହାର ଝଲକ। କେତେକ ଗ୍ରାମରେ ସେମାନଙ୍କର ପୂଜା ପାଇଁ ଉଦ୍ଦିଷ୍ଟ ଥାଏ ବିଶାଳ କମନୀୟ ମନ୍ଦିର ତ ଅନ୍ୟ କେଉଁଠି ଗଛ ମୂଳେ ପଥର ରୂପରେ ସେ ପୂଜା ପାଇଥାନ୍ତି। ଏପରିକି ଏକ ନିର୍ଦ୍ଦିଷ୍ଟ ବୃକ୍ଷ ମଧ୍ୟ ଗ୍ରାମଦେବତୀ ରୂପେ ପୂଜା ପାଆନ୍ତି। ଚୂଆ, କଜ୍ଜଳ, ସିନ୍ଦୂର ସେହି ନିର୍ଦ୍ଦିଷ୍ଟ ପ୍ରସ୍ତରଖଣ୍ଡ ବା ବୃକ୍ଷ ଉପରେ ବୋଳାହୋଇଥିବାବେଳେ କଳା ବା ଲାଲ କନାରେ ସେ ହୋଇଥାନ୍ତି ଆଚ୍ଛାଦିତା। ପାଖରେ ତାଙ୍କର ଦେଖାଯାଏ ମାଟିଘୋଡ଼ା, ଧୂପ, ସରା ଇତ୍ୟାଦି ଓ ପ୍ରତି ଗ୍ରାମରେ ଥାଏ ତାଙ୍କର ବିଭିନ୍ନ ନାମ। ମୋ ଦେଖିବାରେ ମନ୍ଦିର ଭଙ୍ଗା ପଥରକୁ ମଧ୍ୟ ଗ୍ରାମଦେବତୀ ଭାବରେ ପୂଜା କରିଥାନ୍ତି। ଆଦିବାସୀ ଅଞ୍ଚଳରେ ସେମାନେ ମଧ୍ୟ ବିଭିନ୍ନ ନାମକରଣରେ ପୂଜିତା। ଦିଶାରି, ଜାନି, ପରିଛା, ଦେହୁରି ସାଙ୍ଗିଆଧାରିମାନେ ସେମାନଙ୍କର ପୂଜାରୀ ଭାବେ ପରିଚିତ ଥାଆନ୍ତି। ଲୋକମାନଙ୍କର ଏପରି ପୂଜା ପ୍ରତି ଥାଏ ଅଖଣ୍ଡ ବିଶ୍ୱାସ। ବିଶେଷତଃ ଆଶ୍ୱିନ ମାସର ଦେବୀପୂଜାବେଳେ ଏହି ପୀଠସବୁ ହୋଇଥାଏ ଚଳଚଞ୍ଚଳ। କହିବାକୁ ଗଲେ ଏହି ଦେବୀପୀଠମାନଙ୍କ ପ୍ରତି ଗ୍ରାମବାସୀମାନଙ୍କର ଥାଏ ଅହେତୁକ ଦୁର୍ବଳତା ଓ ଯାହା ପଛରେ ଥାଏ ଅନେକ ଗପ ତଥା ସୁଦୃଢ଼ ଧର୍ମବିଶ୍ୱାସ।

ପ୍ରତି ଗ୍ରାମର ଏହି ଦେବୀମାନଙ୍କ ସମ୍ପର୍କରେ ବହୁ ଅଲୌକିକ ଗପର ମଧ୍ୟ ସୃଷ୍ଟି ହୋଇଥାଏ। କେହି କହେ ଯେ ଠାକୁରାଣୀ ରାତିରେ ନିଆଁହୁଳା ଧରି ଗାଁରେ ବୁଲିଥାନ୍ତି ତ ଅନ୍ୟ କେତେକଙ୍କ ମତରେ ସେ ଅର୍ଦ୍ଧରାତ୍ରିରେ ଘୋଡ଼ା ଚଢ଼ି ଗାଁ ବୁଲିଲାବେଳେ ତାଙ୍କ ହାବୁଡ଼ରେ ଯିଏ ପଡ଼ିଲା ତାର ହୋଇଥାଏ ବିନାଶ। ଏହିପରି ବହୁ ଅଲୌକିକ କିଂବଦନ୍ତୀମାନ ସେହି ଦେବୀପୀଠମାନଙ୍କୁ ନେଇ ପ୍ରଚାର ହୋଇଥାଏ।

ପୁଣି ଏହି ଠାକୁରାଣୀଙ୍କ ନାମଗୁଡ଼ିକ ମଧ୍ୟରେ ବହୁ ଐତିହାସିକ ତଥ୍ୟ ଲୁକାୟିତ ଥାଏ। ପ୍ରତିଟି ଗ୍ରାମଦେବତୀଙ୍କ ବିଷୟରେ ବିଶ୍ଳେଷଣ କଲେ ସ୍ଥାନଟିର ବହୁ ଅଜଣା ଇତିହାସର ତଥ୍ୟ ମିଳିଥାଏ। କୌଣସି ସ୍ଥାନର ଇତିହାସକୁ ଆକଳନ କରିବାକୁ ହେଲେ ଯିବାକୁ ପଡ଼ିଥାଏ ସେହି ଗ୍ରାମର ଠାକୁରାଣୀଙ୍କ ପୀଠସବୁକୁ। ତାହାର କିଂବଦନ୍ତୀ, ମୂର୍ତ୍ତି ଗଢ଼ଣ, ନାମକରଣ ଇତ୍ୟାଦିର ବିଶ୍ଳେଷଣ ସହ ସେଠାର ଭୌଗୋଳିକ ପରିସ୍ଥିତିକୁ ଆଲୋଚନା କଲେ ସମ୍ପୃକ୍ତ ଗ୍ରାମର ବହୁ ଅଜଣା ଐତିହାସିକ ତଥ୍ୟ ମିଳିଯାଏ।

ଏପରି ଶକ୍ତି ଉପାସନା କେବେଠାରୁ ଆରମ୍ଭ ହୋଇଛି ସେ ସମ୍ପର୍କରେ ସଠିକ୍ ତଥ୍ୟ ନଥିଲେ ମଧ୍ୟ ଏହା ଏକ ପ୍ରାଚୀନ ପରମ୍ପରା। ପୃଥିବୀର ବହୁ ସ୍ଥାନରେ ଏଭଳି ପୂଜାର ପରମ୍ପରା ପ୍ରାଚୀନ କାଳରୁ ରହିଥିବାର ଦେଖାଯାଏ। ମହେଞ୍ଜୋଦାରୋ ଓ ହରପ୍ପାଠାରେ ହୋଇଥିବା ଭୂଖୋଦନ ଫଳରେ ଏହିଭଳି ମାତୃଶକ୍ତି ପୂଜାର କେତେଗୁଡ଼ିଏ ତଥ୍ୟ ପଦାକୁ ଆସିଛି। ମହାଭାରତ ଏବଂ ରାମାୟଣ ଯୁଗରେ ମଧ୍ୟ ମାତୃପୂଜାର ଏହିଭଳି ପରମ୍ପରା ରହିଥିବାର ଉଲ୍ଲେଖ ରହିଛି। ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କୁଶାଣ ବଂଶର ରାଜତ୍ୱ କାଳରେ ଏପରି ଉପାସନାର ପ୍ରସାର ହୋଇଥିବା ପ୍ରତ୍ନତାତ୍ତ୍ୱିକ ଭୂଖୋଦନମାନଙ୍କରୁ ଜଣାଯାଏ। ଦ୍ରାବିଡ଼ ସଭ୍ୟତାରୁ ମଧ୍ୟ ଏହିଭଳି ପୂଜା ପ୍ରଚଳିତ ଥିବାର ଆଭାସ ମିଳେ।

ଓଡ଼ିଶାରେ ରାଜା ମହାରାଜାଙ୍କ ଶାସନବେଳେ ଦେବୀପୂଜାର ପ୍ରସାର ବିଶେଷ ଭାବରେ ପ୍ରସିଦ୍ଧି ପାଇଥିଲା। ପ୍ରତିଷ୍ଠିତ ରାଜନଅର ବା ଗଡ଼ରେ ଯେଉଁ ଦେବୀମାନେ ପୂଜାପାଉଥିଲେ ସେମାନଙ୍କୁ ଗଡ଼ଠାକୁରାଣୀ କୁହାଯାଉଥିଲା। ଏହି ଗଡ଼ଠାକୁରାଣୀମାନଙ୍କୁ ପୂଜା ନକରିବା ପର୍ଯ୍ୟନ୍ତ ସେମାନଙ୍କ ଦିନର ରାଜକାର୍ଯ୍ୟ ଆରମ୍ଭ ହେଉନଥିଲା। ଏପରିକି ଯୁଦ୍ଧଯାତ୍ରାବେଳେ ଗଡ଼ଠାକୁରାଣୀଙ୍କୁ ସର୍ବପ୍ରଥମେ ପୂଜା କରାଯାଉଥିଲା। ଆଶ୍ୱିନ ମାସର ଦଶହରା ଉତ୍ସବବେଳେ ଦେବୀପୀଠମାନଙ୍କରେ ବହୁ ଜାକଜମକସହ ଏହା ପାଳିତ ହୁଏ। କେଉଁଠାରେ ଦୁର୍ଗାଙ୍କର ଷୋଳପୂଜା ଉତ୍ସବର ଆରମ୍ଭ ତ ଅନ୍ୟ କେତେକ ସ୍ଥାନରେ ପଞ୍ଚମୀ ତିଥିରୁ ତାହା ଆରମ୍ଭ ହୋଇଥାଏ। ଗ୍ରାମବାସୀମାନେ ପାଳିକରି ସେହିସବୁ ଉତ୍ସବକୁ ଚଳାଇଥାନ୍ତି ଏବଂ ସେତେବେଳେ ଦେବୀପୀଠମାନଙ୍କରେ ପଙ୍କ୍ତିଂଭୋଜନର ବ୍ୟବସ୍ଥା କରାଯାଇଥାଏ। ଗ୍ରାମର ଆବାଳବୃଦ୍ଧ ବନିତା ପ୍ରସାଦ ପାଇବାସହ ସେଠାରେ ଠାକୁରାଣୀଙ୍କର ସ୍ତୁତିମାନ ଗାନ କରିଥାନ୍ତି ଯାହାକୁ ଜନ୍ତାଳ ଭୋଗ କୁହାଯାଏ। ଏହାଦ୍ୱାରା ଗ୍ରାମ ମଧ୍ୟରେ ଏକତା ଓ ସହଯୋଗର ଭାବନା ସୃଷ୍ଟି ହୁଏ। ତାହା କେତେ ଜାଗାରେ ଶୁଦ୍ଧ ନିରାମିଷ ତ ଅନ୍ୟ ସ୍ଥାନରେ ଥାଏ ଆମିଷ ଯୁକ୍ତ। ତେଣୁ ଦେଖିବାକୁ ଗଲେ ଏହି ଦେବୀପୀଠମାନଙ୍କର ଭୋଗରେ କିଛି ବାରଣ ନଥାଏ। କେତେକ ସ୍ଥାନରେ ପଶୁ ବଳି ଦେବାର ପରମ୍ପରା ଏବେ ବି ଲିଭିଯାଇ ନାହିଁ।

ଗାଁରେ କୌଣସି ବିବାହ, ବ୍ରତ ଓ ଜନ୍ମୋତ୍ସବମାନ ପାଳିତ ହେଲେ ଠାକୁରାଣୀଙ୍କ ପାଖରେ ପ୍ରଥମେ ପୂଜା ହୁଏ। ବିବାହବେଳେ ବର ବା କନ୍ୟାର ଠାକୁରାଣୀଙ୍କୁ ମଙ୍ଗୁଳେଇବା ଆଉ ଏକ ଅତି ପୁରୁଣା ପରମ୍ପରା। ସଞ୍ଜ ନଇଁ ଆସିଲେ ଗ୍ରାମ ଦେବତୀଙ୍କ ପୀଠମାନଙ୍କରୁ ଭାସି ଆସେ ଘଣ୍ଟ, ଘଣ୍ଟା, ଝାଞ୍ଜ, ମୃଦଙ୍ଗର ଶବ୍ଦ ସହିତ ପୂଜକମାନଙ୍କର ମନ୍ତ୍ର ଉଚ୍ଚାରଣର ଧ୍ୱନି। ଦେବୀପୂଜା ବ୍ୟତୀତ ଅନ୍ୟ ପର୍ବମାନଙ୍କରେ ଠାକୁରାଣୀଙ୍କ ପୀଠରେ ମଧ୍ୟ ପୂଜାର ଆସର ଜମିଯାଏ।

ଗ୍ରାମରେ କେହି ଅସୁସ୍ଥ ହେଲେ ଦେବୀପୀଠମାନଙ୍କରେ ଆରମ୍ଭ ହୁଏ ପୂଜା। ଲୋକମାନଙ୍କର ଧାରଣା ଥାଏ ଯେ ଠାକୁରାଣୀଙ୍କର ପୂଜା ହେଲେ ସେପରି ଅସୁସ୍ଥତାରୁ ରୋଗୀ ଭଲ ହୋଇଯିବ। କାହାର ସନ୍ତାନ ଲାଭ, ଶତ୍ରୁନାଶ ଇତ୍ୟାଦି ବ୍ୟକ୍ତିଗତ ଅଭିଳାଷ ନିମନ୍ତେ ଠାକୁରାଣୀଙ୍କ ନିକଟରେ ଗ୍ରାମବାସୀମାନେ ଅଳି କରିଥାନ୍ତି। ଏହା ହେଉଛି ସମ୍ପୃକ୍ତ ଗ୍ରାମର ଧର୍ମବିଶ୍ୱାସ। ଗ୍ରାମ ସଭାରେ କୌଣସି ବିବାଦୀୟ ନିଷ୍ପତ୍ତି ଉପରେ ଠାକୁରାଣୀଙ୍କୁ ସାକ୍ଷୀ ରଖି ବିଚାର କରାଯାଏ। କୌଣସି ଅଛିଣ୍ଡା ନିଷ୍ପତ୍ତିରେ ଠାକୁରାଣୀଙ୍କ ପାଦୁକ ଧରି ସତ କହିବାକୁ ବାଧ କରାଯାଏ। ତେଣୁ ଗ୍ରାମର ଦେବୀପୀଠଗୁଡ଼ିକ ଏକ ସୁନ୍ଦର ନ୍ୟାୟାଳୟକୁ ପରିବର୍ତ୍ତିତ ହୋଇଥାଏ। ଏହି ସମସ୍ତ ଆଲୋଚନାରୁ ଜଣାପଡ଼େ ଯେ ପ୍ରାଚୀନ ଐତିହ୍ୟ ଓ ଅଖଣ୍ଡ ଧର୍ମବିଶ୍ୱାସକୁ ନେଇ ଗ୍ରାମର ଦେବୀପୀଠମାନ ଗଢ଼ିଉଠିଛି। ଏହି ପୀଠମାନଙ୍କ ପ୍ରତି ଗ୍ରାମବାସୀମାନଙ୍କର ଯେତେ ବିଶ୍ୱାସ ରହିଛି ତାହା ଅନ୍ୟତ୍ର ଦେଖାଯାଇନଥାଏ।

ଦେବୀପୀଠରେ ଦୋଷ ମାନିଯାଇଥିବା ଲୋକଟି ପ୍ରତି ଯେଉଁସବୁ ଦଣ୍ଡ ଦିଆଯାଉଥିଲା ତାହା ହେଲା ଗ୍ରାମବାସୀମାନଙ୍କୁ ପଂକ୍ତିଭୋଜନ ଦେବା ଓ ଅନ୍ୟଟି ସାମାନ୍ୟ ଅର୍ଥଦଣ୍ଡ। ଏଥିରେ ଦୋଷ କରିଥିବା ବ୍ୟକ୍ତିଟି ରାଜିହେବାର ନିଶ୍ଚିତତା ଥାଏ। ଅର୍ଥଦଣ୍ଡରୁ ମିଳୁଥିବା ଟଙ୍କା ଗ୍ରାମ ଠାକୁରାଣୀଙ୍କ ପାଣ୍ଠିକୁ ଯାଇଥାଏ। ଯଦି ସେ ଅର୍ଥ ଦେଇପାରେ ନାହିଁ ତେବେ ତା ଘରର ଚଳଣି ଜିନିଷମାନ ଟଙ୍କା ବଦଳରେ ଗ୍ରାମସଭାରେ ଆସି ଥୁଆହୁଏ। ଜୋରିମାନା ଅର୍ଥ ଦେବାପରେ ସେ ତାର ଜିନିଷମାନ ଫେରାଇ ନେଇଥାଏ। ଏହିପରି ଗ୍ରାମ ଠାକୁରାଣୀଙ୍କର ପାଣ୍ଠି ବଢ଼ିଥାଏ ଓ ସେଥିରୁ ବି ଅଳ୍ପ କିଛି ସୁଧରେ ଗ୍ରାମବାସୀମାନେ ନିଜର ଅସୁବିଧା ମେଣ୍ଟାଇବା ପାଇଁ ଋଣ ନେଇଥାନ୍ତି। ବର୍ତ୍ତମାନ ଗ୍ରାମରେ ଦେଖାଯାଉଥିବା କଙ୍ଗାରୁ କୋର୍ଟ ବା ହରିଆନାର ଆପ ପଞ୍ଚାୟତ ଭଳି ଜଘନ୍ୟ ଦଣ୍ଡ ଦେବା ସେତେବେଳେ ନଥିଲା। ସେହି ଦଣ୍ଡ ଭିତରେ ରହିଛି ଗ୍ରାମ ଦାଣ୍ଡରେ ଲଣ୍ଡା କରିବା, ଜୋତା ପକାଇ ବୁଲାଇବା, ଗଛରେ ବାନ୍ଧି ବାଡ଼େଇବା ଓ ଆପ ପଞ୍ଚାୟତ ଭଳି ଅଜାତିରେ ବାହାହେଲେ ଉଭୟଙ୍କୁ ମାରିଦେବାର ନୃଶଂସତା କେବେହେଲେ ଶୁଣା ନଥିଲା। ଏହି ପ୍ରକାରର ଦଣ୍ଡ ଦେବାର ଅଧିକାର ଗ୍ରାମବାସୀମାନଙ୍କର ନଥିଲେ ବି ବାହୁବଳୀ ନେତା, ଖଣ୍ଟ ବା ଗୁଣ୍ଡାମାନଙ୍କ ଆଧିପତ୍ୟ ଯୋଗୁ ତାହା ହୋଇଥାଏ। ଏପରି ଦଣ୍ଡର ସୃଷ୍ଟି କେବେଠାରୁ ହୋଇଛି ତାହାର କିଛି ଇତିହାସ ନାହିଁ। ଏହା କେବଳ ଗୁଣ୍ଡାରାଜ ବା ସରକାରଙ୍କ ପ୍ରତିଯୋଗିତାରେ ଅନ୍ୟ ଏକ ସମାନ୍ତରାଳ ଶାସନ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ସେତେବେଳର ଏହି ଗ୍ରାମଠାକୁରାଣୀଙ୍କ ଉପରେ ଗ୍ରାମବାସୀମାନଙ୍କର ଥିଲା ଅଖଣ୍ଡ ଧର୍ମବିଶ୍ୱାସ। ତାହାସହ ଗ୍ରାମବାସୀମାନଙ୍କ ମଧ୍ୟରେ ସହାବସ୍ଥାନ ଓ ସମନ୍ୱୟ ରଖିବାରେ ଏହାର ଭୂମିକା କିପରି ଥିଲା ତାହା ଏପରି ଆଲୋଚନାରୁ ସହଜେ ଅନୁମେୟ।

ଗ୍ରାମର କିଛି ଦୂରରେ ରହିଥାଏ ଘଞ୍ଚ ସବୁଜିମା ଘେରା ଗ୍ରାମ୍ୟ ଶ୍ମଶାନ। ସନ୍ଧ୍ୟା ନଇଁ ଆସିଲେ ଭେରେଣ୍ଡା ରଡ଼ି (ଅଣ୍ଡିରା ବିଲୁଆ ବୋବାଇବା) କୁକୁରମାନଙ୍କର କାନ୍ଦଣା ଭଳି ସ୍ୱର, ଲୁହାକୁ ଲୁହା ବାଡ଼େଇ ହେବାର ଶବ୍ଦ, ଅର୍ଦ୍ଧରାତ୍ରୀରେ ନାରୀର କାନ୍ଦଣା ସ୍ୱର, ଗଛ ଭାଙ୍ଗିଯାଉଥିବା ବେଳର ଶବ୍ଦ ଇତ୍ୟାଦି ହେଲେ ତାହା ଥାଏ ଗ୍ରାମ ପ୍ରତି ବିପଦ ଆଭାସର ସୂଚନା। ଏପରି ସୂଚନା ଆସିଲେ ଗ୍ରାମରେ କାହାର ମୃତ୍ୟୁ, ହଇଜା ବା ବସନ୍ତ ରୋଗ ହେବାର ବିଶ୍ୱାସ ଲୋକମାନଙ୍କର ଥାଏ। ସେଥିପାଇଁ ଭୟଭୀତ ହୋଇ ଘଟଣା ଘଟିବାର ପରଦିନ ସେମାନେ ଗ୍ରାମ ଠାକୁରାଣୀଙ୍କ ପୀଠରେ ମେଳି ହୋଇ ତାଙ୍କର ମାଜଣା ସହ ଏପରି ବିପଦ ସବୁରୁ ରକ୍ଷା ପାଇବା ପାଇଁ ଆକୁଳ ପ୍ରାର୍ଥନା କରିବାସହ ପୂଜାର ଆସର ବି ଜମାଇ ଦେଇଥାନ୍ତି। ଶ୍ରୀଗୁଣ୍ଡିଚା ବା ବାହୁଡ଼ାଯାତ୍ରା ଦିନ ଠାକୁରାଣୀଙ୍କ ପାଇଁ ଗାଁ ମୁଣ୍ଡରେ ପଣା ଭୋଗ ଦିଆଯିବା ଥାଏ ଅନ୍ୟ ଏକ ପରମ୍ପରା। ସେତେବେଳେ ବିଭିନ୍ନ ବାଦ୍ୟ ନାଦ, ହରିବୋଲ ଓ ହୁଳହୁଳିରେ ଗାଁ ଦାଣ୍ଡ ଉଚ୍ଛୁଳି ପଡୁଥାଏ। କଥା ଅଛି ଗ୍ରାମ ଠାକୁରାଣୀମାନେ ପୀଠ ଛାଡ଼ି ଶ୍ରୀଜଗନ୍ନାଥଙ୍କୁ ରଥରେ ଦର୍ଶନ କରିବା ନିମନ୍ତେ ଶ୍ରୀଗୁଣ୍ଡିଚା ଦିନ ପୁରୀ ଯାତ୍ରା କରୁଥିବାବେଳେ ଫେରିଆସିଥାନ୍ତି ବାହୁଡ଼ାରେ। ତେଣୁ ତାଙ୍କର ଯିବା ଓ ଆସିବା ବେଳେ ଗ୍ରାମବାସୀମାନଙ୍କ ତରଫରୁ ଥାଏ ଏହିଭଳି ଭବ୍ୟ ଅଭ୍ୟର୍ଥନା ଯାହାକି ଏକ ପ୍ରାଚୀନ ପରମ୍ପରାରୁ ଆସିଛି। ସମୟକ୍ରମେ ପରିସ୍ଥିତି ପରିବର୍ତ୍ତିତ ହେବାକୁ ଯାଉଛି। ପାଠ ପଢ଼ିସାରି ଗ୍ରାମର ଯୁବକ ଓ ଯୁବତୀମାନେ ସହରାଭିମୁଖୀ ହୋଇଯାଉଛନ୍ତି। ଯାହାଫଳରେ ଗ୍ରାମ ଠାକୁରାଣୀଙ୍କ ପ୍ରତି ବିଶ୍ୱାସର ସମ୍ପର୍କ କ୍ରମଶଃ ତୁଟି ଯିବାର ଲକ୍ଷ୍ୟ କରାଯାଉଛି। ଯାହାହେଲେ ବି ଗ୍ରାମଦେବୀ ପୀଠକୁ ଇତିହାସ ଓ ସଂସ୍କୃତିର କେନ୍ଦ୍ରବିନ୍ଦୁ କହିଲେ ଅତ୍ୟୁକ୍ତି ହେବନାହିଁ।

# ହସ୍ତତନ୍ତକୁ ପ୍ରୋତ୍ସାହନ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଓଡିଶା ହସ୍ତତନ୍ତର ଆଦିଭୂମି ଭାବେ ପରିଚିତ । ଓଡିଆଙ୍କ ଆରାଧ୍ୟ ଦେବତା ଜଗନ୍ନାଥ ବସ୍ତ୍ର ପ୍ରିୟ । ଶ୍ରୀମନ୍ଦିର ସଂସ୍କୃତିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଖଣ୍ଡୁଆପାଟ, ଗୀତଗୋବିନ୍ଦ ପାଟ ଲାଗି କରାଯାଏ । ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବୁଣାକାରମାନଙ୍କର ପ୍ରମୁଖ ଭୂମିକା ରହିଛି । ପାରମ୍ପରିକ ହସ୍ତତନ୍ତ କଳା ସହିତ ଜଡିତ ଅନେକ ପରିବାର। ଏହି ପରମ୍ପରାରେ କେବଳ ଶାଢି ପ୍ରସ୍ତୁତ ହେଉନାହିଁ, ବିଭିନ୍ନ ପ୍ରକାର ପୋଷାକ ନିମନ୍ତେ କପଡା, ଥାନ, ଲୁଙ୍ଗି, ଗାମୁଛା ଆଦି ମଧ୍ୟ ଉତ୍ପାଦିତ ହେଉଛି। ସ୍ଥାନୀୟ ବୁଣାକାର ଓ ସହଯୋଗୀମାନେ ଏହି ପାରମ୍ପରିକ ବେଉସା ସହ ସମ୍ପୃକ୍ତ ହୋଇ ଗ୍ରାମ୍ୟ ଅର୍ଥନୀତିରେ ଏକ ସ୍ୱତନ୍ତ୍ର ଧାରା ସୃଷ୍ଟି କରିଛନ୍ତି । ରାଜ୍ୟ ହସ୍ତତନ୍ତର ଚାହିଦା ଦେଶର ବିଭିନ୍ନ ରାଜ୍ୟରେ ରହିଛି । ବିଶେଷତଃ ବାନ୍ଧ ବସ୍ତ୍ରର ଏକ ସ୍ୱତନ୍ତ୍ର ଚାହିଦା ରହିଛି । ଦକ୍ଷିଣ ଓ ମଧ୍ୟ ଭାରତରେ ଓଡିଶାର ହସ୍ତତନ୍ତ ପାଇଁ ଭରପୂର ସହଯୋଗ ରହିଛି । କୃଷି ପରେ ଓଡିଶାରେ ବୟନ ଶିଳ୍ପ ବୃହତ୍ତମ ରୋଜଗାରର ମାଧ୍ୟମ । ଓଡିଶାର ବିଭିନ୍ନ ଅଞ୍ଚଳରେ ବୟନ ଶିଳ୍ପ ପାଇଁ ହଜାର ହଜାର ସଂଖ୍ୟାରେ ଲୋକେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ବୟନ ଶିଳ୍ପର ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଅନେକ ଯୋଜନା କରାଯାଇଛି । ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରୋତ୍ସାହନ ଯୋଗୁଁ ବୁଣାକାରଙ୍କ ବାର୍ଷିକ ମୁଣ୍ଡପିଛା ଆୟ ୫୮ ହଜାର ୮୫ ଟଙ୍କା ହୋଇପାରିଛି। ସ୍ୱାଧୀନତା ପରେ ସେବା ସମବାୟ ସମିତି ଜରିଆରେ ବୁଣାକାରମାନେ ଆବଶ୍ୟକୀୟ କଞ୍ଚାମାଲ, ସୂତା, ରଙ୍ଗ ଆଦି ପାଇ ପାରୁଥିଲେ । ବସ୍ତ୍ର ବିକ୍ରି ପାଇଁ ସମବାୟ ସମିତି ଏକ ମାଧ୍ୟମ ଥିଲା । ବୁଣାକାରମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ସୂତା କଳରୁ ସୂତା ଆଣିବା ସହିତ ବୟନିକା ମାଧ୍ୟମରେ ମଧ୍ୟ ସୂତା କିଣି ବିଭିନ୍ନ ପ୍ରକାର ଗାମୁଛା, ଲୁଙ୍ଗି ଓ ଶାଢି ପ୍ରସ୍ତୁତ କରୁଥିଲେ । ସୂତା କିଣି ଆଣି ପ୍ରଥମେ ବବନି,ଟାଣି ଓ ସୂତାକୁ ରଙ୍ଗ କରିସାରି ବିଭିନ୍ନ ପ୍ରକାରର ଶାଢି, ଲୁଙ୍ଗି ଓ ଗାମୁଛା ବୁଣୁଥିଲେ । ୨୬ କାଉଣ୍ଟ ଜାତୀୟ ମୋଟା ସୂତାରେ ବୁଣାଯାଉଥିବା ଲୁଗାର ଚାହିଦା ଗ୍ରାମାଞ୍ଚଳରେ ଦିନକୁ ଦିନ ବଢିବାକୁ ଲାଗିଥିଲା । ଫଳରେ ବୁଣାକାରମାନେ ଉତ୍ସାହର ସହିତ ଏହି କାମ କରୁଥିଲେ । ଅଶୀ ଦଶକରେ ଧିରେ ଧିରେ କମ୍ପାନୀ ପ୍ରସ୍ତୁତ ପ୍ରିଣ୍ଟ ଶାଢିର ଆଦୃତି ବଢିବା ଫଳରେ ହସ୍ତତନ୍ତ ଶାଢିର ଚାହିଦା କମିବାରେ ଲାଗିଥିଲା । ତେବେ ଆଜିକାଲି ଖଦି ଓ ହାତବୁଣା ପୋଷାକର ଆଦର ବଢିଛି । ସମୟ ବଦଳିବା ସହ ଆମ ରାଜ୍ୟର ବିଭିନ୍ନ ପାରମ୍ପରିକ ହାତବୁଣା ବସ୍ତ୍ରରେ ଆଧୁନିକତାର ସ୍ପର୍ଶ ଲାଗିଛି । ନୂଆନୂଆ ଡିଜାଇନର ଅଧିକ ସୌଖିନ ହାତ ତିଆରି କପଡା ଓ ବସ୍ତ୍ର କାରିଗରମାନେ ପ୍ରସ୍ତୁତ କରୁଛନ୍ତି । ପର୍ବପର୍ବାଣୀ ଓ ଉତ୍ସବମାନଙ୍କରେ ଲୋକେ ଏହି ପୋଷାକ ପରିଧାନ କରିବାକୁ ପସନ୍ଦ କରୁଛନ୍ତି । ସରକାରୀ କର୍ମଚାରୀମାନେ ସପ୍ତାହକୁ ଥରେ ହସ୍ତତନ୍ତ ବସ୍ତ୍ର ପିନ୍ଧି ଅଫିସ୍ ଆସିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ଯାହାକି ସ୍ୱାଗତଯୋଗ୍ୟ । ବୟନ ଶିଳ୍ପ କ୍ଷେତ୍ରରେ ରାଜ୍ୟ ଦ୍ରୁତ ଗତିରେ ପ୍ରଗତି କରୁଛି । ପଶ୍ଚିମ ଓଡିଶାର ସମ୍ବଲପୁରୀ ପାଟ, ବ୍ରହ୍ମପୁରୀ ରେଶମୀ ପାଟ ସାରା ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଚତୁର୍ଥ ସର୍ବଭାରତୀୟ ହସ୍ତତନ୍ତ ସର୍ଭେ ଅନୁସାରେ ଓଡିଶାରେ ୫୩,୪୭୨ ବୁଣାକାର ଓ ୬୪,୩୬୪ ସହାୟକ ଶ୍ରମିକ ବୟନ ଉଦ୍ୟୋଗ ସହିତ ସମ୍ପୃକ୍ତ । ଏହି ପ୍ରଗତିକୁ ବହୁଗୁଣିତ କରିବା ଉଦ୍ଦେଶ୍ୟରେ ଓଡିଶା ବୈଷୟିକ ବୟନ ଶିଳ୍ପ ନୀତି-୨୦୨୨ରେ ବୟନ ଶିଳ୍ପରେ ପୁଞ୍ଜି ନିବେଶ ପାଇଁ ୪୦ ପ୍ରତିଶତ ସହାୟତା ପାଇଁ ବ୍ୟବସ୍ଥା କରାଯାଇଛି । ଏପରିକି ପ୍ରତ୍ୟେକ ବୁଣାକାରଙ୍କୁ ବିନା ସୁଧରେ ୫୦ହଜାର ଟଙ୍କା ଋଣ ଦିଆଯାଉଛି । ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା, ଶିଳ୍ପୀ ଉନ୍ନତି ଯୋଜନାରେ ସହାୟତା ବି ରହିଛି । ରାଜ୍ୟରେ ହସ୍ତତନ୍ତର ଅନେକ କ୍ଲଷ୍ଟର ରହିଛି । ଉକ୍ତ କ୍ଲଷ୍ଟର ସହ ହସ୍ତତନ୍ତ ବୁଣାକାରମାନେ ଯୋଡି ହୋଇଛନ୍ତି । ଅନେକ ସ୍ଥଳରେ କାରିଗରମାନେ ସିଧାସଳଖ ଭାବେ ହସ୍ତତନ୍ତ ବ୍ୟବସାୟ କରୁଥିବା ବେଳେ କିଛି ସ୍ଥଳରେ କାରିଗରମାନେ ବଡବଡ ବ୍ୟବସାୟୀମାନଙ୍କ ପାଇଁ କାମ କରୁଛନ୍ତି । ବୟନିକା,ଉତ୍କଳିକା ଭଳି ବୁଣାକାର ସମବାୟ ସମିତି ଗୁଡିକର ସାରା ରାଜ୍ୟରେ ଏକ୍ସକ୍ଲୁସିଭ୍ ଷ୍ଟୋରମାନ ରହିଛି । ସମ୍ପ୍ରତି ଏହା ରାଜ୍ୟ ମଧ୍ୟରେ ସୀମିତ ହୋଇ ରହିଛି । ସରକାର ଏହାକୁ ସର୍ବଭାରତୀୟ ସ୍ତରକୁ ନେବାକୁ ଯୋଜନା କରୁଛନ୍ତି । ଅନ୍ୟ ରାଜ୍ୟରେ ବୟନିକା ଓ ଉତ୍କଳିକାର ଶାଖା ଖୋଲିବାକୁ ବ୍ୟବସ୍ଥା କରାଯାଉଛି ।

ରାଜ୍ୟର ଅନେକ ହସ୍ତତନ୍ତ ସାମଗ୍ରୀ ଭୌଗଳିକ ସଙ୍କେତ ପାଇବା ଫଳରେ ଜାତୀୟ ତଥା ଆର୍ନ୍ତଜାତିକ ସ୍ତରରେ ସ୍ୱତନ୍ତ୍ରତା ମିଳିବା ସହ ବଡ ବଜାର ମିଳି ପାରିଛି । ଅଦ୍ୟାବଧି ଓଡିଶାର ୯ଟି ହସ୍ତତନ୍ତକୁ ଜି.ଆଇ ମାନ୍ୟତା ମିଳିଛି । ତନ୍ମଧ୍ୟରେ ବ୍ରହ୍ମପୁରୀ ପାଟ ଶାଢି ଓ ଯୋଡ, ବୋମକେଇ ଶାଢି, ଧଳାପଥର ଶାଢି,କୋଟପାଡ ଶାଢି, ସମ୍ବଲପୁରୀ ପାଟ, ଓଡିଶା ଇକତ, ହବସ୍‌ପୁରୀ ଶାଢି, ଖଣ୍ଡୁଆ ଶାଢି, ଗୋପାଳପୁର ଟସର ଫ୍ୟାବ୍ରିକ୍ସ ଅନ୍ୟତମ । ଏହି ହସ୍ତତନ୍ତଗୁଡିକ ନିଜର ସ୍ୱତନ୍ତ୍ରତା, ମୌଳିକତା ତଥା ଗୁଣବତ୍ତା ବଜାୟ ରଖିବା କାରଣରୁ ରାଜ୍ୟର ହସ୍ତତନ୍ତର ଚାହିଦା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । କ୍ରେତାମାନଙ୍କ ମଧ୍ୟରେ ଜି.ଆଇ ଟ୍ୟାଗଯୁକ୍ତ ଉତ୍ପାଦନର ଚାହିଦା ଓ ଅଣ ଟ୍ୟାଗ୍ ଯୁକ୍ତ ଉତ୍ପାଦର ଚାହିଦା ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରାଯାଉଛି । ରାଜ୍ୟରେ ପ୍ରତି ମାସରେ କେତେ ସଂଖ୍ୟକ ଜି.ଆଇ ଟ୍ୟାଗ ଯୁକ୍ତ ବସ୍ତ୍ର ପ୍ରସ୍ତୁତ ହେଉଛି ଓ ବିକ୍ରିହେଉଛି ତାହାର ହିସାବ ରଖାଯାଉଛି । ଜି.ଆଇ ମାନ୍ୟତା ମିଳିବା ଫଳରେ ଏହି ଶାଢିର ନକଲ ବିକ୍ରି ଉପରେ କଡା କଟକଣା ଲାଗି ପାରିଛି । ହସ୍ତତନ୍ତ ପ୍ରତି ଆଗ୍ରହ ବଢାଇବା ପାଇଁ ସିନେମା ତାରକାଙ୍କ ଦ୍ୱାରା ବିଜ୍ଞାପନ ପ୍ରସ୍ତୁତ କରାଯାଉଛି । ଓଡିଶାର ଉନ୍ନତମାନର ହସ୍ତତନ୍ତକୁ ଜି.ଆଇ ମାନ୍ୟତା ପାଇଁ ନାବାର୍ଡ ଉଦ୍ୟମ କରୁଛି । ମୟୁରଭଞ୍ଜ ଶାଢି, ଆଦିବାସୀ ଫୁଟା ଶାଢି ଏବଂ ଜଗତସିଂପୁର ଶାଢି ଜି.ଆଇ ପଞ୍ଜିକରଣ ପାଇଁ ନାବାର୍ଡ ପକ୍ଷରୁ ଉଦ୍ୟମ ଚାଲିଛି ।

ହସ୍ତତନ୍ତ ପରମ୍ପରାକୁ ପର୍ଯ୍ୟଟନ ସହ ଯୋଡି ଗ୍ରାମାଞ୍ଚଳର ଲୋକଙ୍କୁ ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ସହାୟକ ହେବା ପାଇଁ ସରକାର ଦୃଷ୍ଟି ଦେଉଛନ୍ତି । ମାଣିଆବନ୍ଧ ବୌଦ୍ଧ ପର୍ଯ୍ୟଟନ ଏବଂ ଗୋପାଳପୁର ଟସର ହସ୍ତଶିଳ୍ପ ଅଞ୍ଚଳର ଉନ୍ନତି କାର୍ଯ୍ୟ ଚାଲିଛି । ବିଦେଶୀ ଓ ଘରୋଇ ପର୍ଯ୍ୟଟକ ଓଡିଶାର ବିଭିନ୍ନ ହ୍ୟାଣ୍ଡଲୁମ କ୍ଲଷ୍ଟର ପରିଦର୍ଶନ କରି ହସ୍ତଶିଳ୍ପ ସମ୍ବନ୍ଧୀୟ ବିଭିନ୍ନ କୌଶଳ, ପଦ୍ଧତି ଏବଂ ତାର ବ୍ୟବହାରିକ ଦିଗ ଉପରେ ବୁଝୁଛନ୍ତି । ପର୍ଯ୍ୟଟକ ଓ ପରିଦର୍ଶକଙ୍କୁ ସୂଚନାପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ୭୩ଟି ହସ୍ତତନ୍ତ କ୍ଲଷ୍ଟରର ୭୩୦ ଜଣ ବୁଣାକାରଙ୍କୁ ଆତିଥ୍ୟ ଓ ପର୍ଯ୍ୟଟନ ପରିଚାଳନା ଉପରେ ତାଲିମ ଦିଆଯାଇଛି । ବୟନ ଶିଳ୍ପର ବିକାଶ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ଗ୍ରାମୀଣ ବୁଣାକାରଙ୍କୁ ଜୀବିକା ଯୋଗାଇବାରେ ସହାୟକ ହୋଇପାରିଛି।

# ଶିକ୍ଷାର ବ୍ୟବସାୟୀକରଣ ବନାମ ଜ୍ଞାନ



କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ.ଏଲ) ଓ
ଆଇନଜୀବୀ
ମୋ: ୯୪୩୭୦୪୧୩୦୦

ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣ ଅନୁଯାୟୀ ଗ୍ରାମୀଣ କ୍ଷେତ୍ରରେ ୨୭% ଏବଂ ସହରରେ ୩୮% ବିଦ୍ୟାର୍ଥୀ ମାଧ୍ୟମିକସ୍ତରରେ ଟିଉସନ ବା କୋଚିଙ୍ଗ ନେଉଛନ୍ତି। ଗତ ଚାରି ବର୍ଷରେ ନିଜସ୍ତରରେ ପରିଚାଳିତ ଟିଉସନ କେନ୍ଦ୍ରମାନ ପାଖା ପାଖି ୧୨% ବୃଦ୍ଧି ଘଟିଛି। ଭାରତୀୟ ଶିକ୍ଷା ବ୍ୟବସ୍ଥା ଦୁନିଆରେ ସବୁଠାରୁ ବଡ଼ ଶିକ୍ଷା ବ୍ୟବସ୍ଥାମାନଙ୍କ ଭିତରୁ ଏକ। ପାଖାପାଖି ସାଢ଼େ ୩୬କୋଟି ବିଦ୍ୟାର୍ଥୀ ଯେଉଁମାନେ ବିଦ୍ୟାଳୟ ଯିବା ଯୋଗ୍ୟ ବୟସର, ସମୁଦାୟ ପିଲାମାନଙ୍କ ମଧ୍ୟରୁ ୩୪% ଏବଂ ବିଭିନ୍ନ ଭାରତୀୟ ବିଦ୍ୟାଳୟମାନଙ୍କ ଦ୍ୱାରା ନାମାଙ୍କିତ। ଏହି ବ୍ୟାପକ ଏବଂ ବିଶାଳର ବ୍ୟବସ୍ଥା ହେବାର ଐତିହାସିକ ପୃଷ୍ଠଭୂମି ଅଛି ଯାହା ୧୩.୫ କୋଟି ବାଳିକା ଏବଂ ୧୪.୫ କୋଟି ବାଳକମାନଙ୍କୁ ଶିକ୍ଷା ପ୍ରଦାନ କରେ। ଏଥିରେ ପୁରା ବିଦ୍ୟାଳୟର ସଂଖ୍ୟା ପାଖାପାଖି ୧୪.୫ ଲକ୍ଷ ଏବଂ ଏହାମଧ୍ୟରେ ୨୨.୮% ପ୍ରାଇଭେଟ୍ ବିଦ୍ୟାଳୟ। ଏଥିରୁ ଯଦି ଆମେ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲର ବ୍ୟବଧାନ ଖୋଜିବା, ତେବେ ପ୍ରାଇମେରୀ ସ୍କୁଲ ସଂଖ୍ୟା (ପାଖାପାଖି ୧୨ଲକ୍ଷ) ଓ ପାଖାପାଖି ୧୨.୫ ପ୍ରତିଶତ। ପାଖାପାଖି ୭ କୋଟି ବିଦ୍ୟାର୍ଥୀ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନରତ। ଏହି ସଂଖ୍ୟାରୁ ପ୍ରତୀୟମାନ ହେଉଛି ଯେ ଏହା କେତେ ବଡ଼ ବ୍ୟବସାୟର ଗ୍ରାହକ, ଯାହା ଟିଉସନ ଏବଂ କୋଚଙ୍ଗ ନାମରେ ଏକ ନୂଆ ମନ୍ତ୍ରରେ ମଣ୍ଡିତ କରୁଛି। ଆହୁରି ମଧ୍ୟ ଉଚ୍ଚଶିକ୍ଷା ନିମନ୍ତେ ହେଉଥିବା ପ୍ରବେଶିକା ପରୀକ୍ଷାମାନ ଏବଂ ଚାକିରି ପାଇଁ ପ୍ରତିଯୋଗିତା ପରୀକ୍ଷାମାନ ଏହି ବ୍ୟବସାୟକୁ ଏକ ଉର୍ବର ଭୂମି ପ୍ରଦାନ କରେ। ରାଷ୍ଟ୍ରୀୟ ନମୁନା ସର୍ବେକ୍ଷଣ ଅନୁସାରେ ଗ୍ରାମୀଣ କ୍ଷେତ୍ରରେ ୨୭% ଏବଂ ସହରୀ କ୍ଷେତ୍ରରେ ୩୮% ବିଦ୍ୟାର୍ଥୀ ମାଧ୍ୟମିକ ସ୍ତରରେ ଟିଉସନ ବା କୋଚିଙ୍ଗ ନେଉଛନ୍ତି। ବିଗତ ୪ବର୍ଷରେ (୨୦୧୮ ରୁ ୨୦୨୨)ରେ ଘରୋଇ ଟିଉସନ କେନ୍ଦ୍ରର ସଂଖ୍ୟା ୧୨% ପ୍ରତିଶତ ବୃଦ୍ଧି ଘଟିଛି। ବର୍ତ୍ତମାନର ଆକଳନ ଅନୁସାରେ କୋଚିଙ୍ଗର ବଜାର ପାଖାପାଖି ୫୮ହଜାର କୋଟି ଟଙ୍କା ଏବଂ ୨୦୧୮ ପର୍ଯ୍ୟନ୍ତ ୧ଲକ୍ଷ ୩୪ହଜାର କୋଟି ହବାର ଅପାର ସମ୍ଭାବନା ଅଛି। ଏହି ଆକଳନ ଏଠାରେ କେତେକ ପ୍ରଶ୍ନ ଉତ୍‌ଥାପନ କରେ। ବର୍ତ୍ତମାନ କ'ଣ ଏହି କୋଚିଙ୍ଗ କେନ୍ଦ୍ରମାନଙ୍କର ବର୍ଦ୍ଧିତକରଣ ଏହି ଶିକ୍ଷା ବ୍ୟବସ୍ଥା ଏବଂ ଶିକ୍ଷା ପଦ୍ଧତିର ଗୁଣବତ୍ତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି? ଏହି କେନ୍ଦ୍ର ଗୁଡ଼ିକ କ'ଣ ପଢ଼ାଉଛନ୍ତି ଯାହା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢ଼ା ଯାଉ ନାହିଁ। ଜ୍ଞାନର କେଉଁ ସୋପାନ ଏବଂ ଦିଗ, ଯାହା ସ୍କୁଲ ଏବଂ ଅବା ଏହାର ସଂସ୍ଥାନ୍ତୀକରଣକର ବାଧା ଦେଉଛନ୍ତି ଏବଂ ଟିଉସନ କୋଚିଙ୍ଗ ସେଣ୍ଟର ଦ୍ୱାରା ସମିତି ହୋଇଯାଇଅଛି। ଏହି କେନ୍ଦ୍ରମାନଙ୍କରେ ପଢ଼ାଉଥିବା ଶିକ୍ଷକମାନେ କେଉଁ ପ୍ରକାର ପ୍ରଣାଳୀ ବା ବିଧି ପ୍ରୟୋଗ କରୁଅଛନ୍ତି? ଯାହାଫଳରେ ସେମାନେ ୧୦୦% କୃତକାର୍ଯ୍ୟ ହେବାର ସମ୍ଭାବନା ସୃଷ୍ଟି କରୁଛନ୍ତି ଏବଂ ବିଦ୍ୟାଳୟରେ ଏବଂ ବିଶ୍ୱବିଦ୍ୟାଳୟରେ ସେହି ବିଶେଷ ବିଧି ବା ପ୍ରଣାଳୀରେ କାହିଁକି ଅଭାବ ରହୁଛି? କାରଣ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ କୌଣସି ସଂରଚନା ଗତ ଏବଂ ଢ଼ାଞ୍ଚାଗତ ଅସୁବିଧା ରହିଯାଉଅଛି ଯେଉଁଠାରେ କୁଶଳି ଶିକ୍ଷା ବ୍ୟବସ୍ଥାରେ ତୃଟି ପରିଲକ୍ଷିତ ହେଉଅଛି। ବିଦ୍ୟାର୍ଥୀ ଏବଂ ଶିକ୍ଷକଙ୍କର ଅନୁପାତ ମଧ୍ୟ ୧ : ୨୭ ରେ ଅଛି। ପୁଣି କ'ଣ ଅବା କାରଣ ରହିଯାଉଅଛି ଯାହାଫଳରେ ପାଠ୍ୟ ପ୍ରଣାଳୀ ଏବଂ ଶିକ୍ଷାବିଧି ଏବଂ ମୂଲ୍ୟାଙ୍କନ ପଦ୍ଧତିର ସଂରଚନା ଗତ ପ୍ରକ୍ରିୟାମାନ ଯାହା ବିଦ୍ୟାର୍ଥୀଙ୍କୁ ଜ୍ଞାନ ଓ ଶିକ୍ଷା ଠିକ୍ ଭାବରେ ଦେଇପାରୁନାହିଁ, ଯାହାଫଳରେ ସେମାନେ ଟିଉସନ ଏବଂ କୋଚିଙ୍ଗ ସେଣ୍ଟରମାନଙ୍କର ସାହାଯ୍ୟ ନେଉଛନ୍ତି। ବିଦ୍ୟାଳୟ ଏବଂ ସମସ୍ତ ଶିକ୍ଷା ଅନୁଷ୍ଠାନରେ, ଜ୍ଞାନର ଏପରି କ'ଣ ସ୍ୱରୂପ ଅଛି ଯେଉଁଥିରେ ଏମାନେ ଅନଭିଜ୍ଞ ଅଟନ୍ତି ଏବଂ ସେମାନଙ୍କୁ ଅଧିକ ଉପଯୋଗୀ କରୁଛି। ବିଭିନ୍ନ ପରୀକ୍ଷାମାନ ଯଦି ଜ୍ଞାନର ବସ୍ତୁନିଷ୍ଠ ସ୍ୱରୂପକୁ ବୈଧ କରାଇଦେଉଛି, ତେବେ ଏହି ବସ୍ତୁନିଷ୍ଠତା କାହିଁକି ବିଦ୍ୟାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇପାରୁନାହିଁ। ତିନି ଦଶକ ପୂର୍ବରୁ ଯେଉଁ ବିଦ୍ୟାର୍ଥୀମାନେ ଟିଉସନ ହେଉଥିଲେ, ସେମାନଙ୍କର ଶିକ୍ଷାଗତ କ୍ଷମତା କମଯୋର ବୋଲି ଗଣନା କରାଯାଉଥିଲା ଏବଂ ଟିଉସନ ଏବଂ କୋଚିଙ୍ଗକୁ ନିଦାନାତ୍ମକ ଜ୍ଞାନ କେନ୍ଦ୍ର ରୂପରେ ମାନ୍ୟତା ଥିଲା। ବଜାରରେ ଉଦାରୀକରଣ ପ୍ରଭାବରେ ଜ୍ଞାନ ଏବଂ ଶିକ୍ଷାର ଉଦାର ସ୍ୱରୂପ ଜ୍ଞାନ ଏକ ବସ୍ତୁର ରୂପ ଧାରଣ କରିଛି, ଯାହାର ବିନିମୟ ମୂଲ୍ୟ ନିଶ୍ଚିତ ଶୁଳ୍କ ସାହାଯ୍ୟରେ କରାଯାଉଅଛି। ଦେଖିବାକୁ ଗଲେ ଜ୍ଞାନ କେବେ ମାଗଣା ବା ନିଃଶୁଳ୍କ ନଥିଲା। ସବୁବେଳେ ଏହା ରାଜ୍ୟର ସଂରକ୍ଷଣ ଉପରେ ଆଶ୍ରିତ ରହିଅଛି। ବର୍ତ୍ତମାନ ନବ୍ୟ ଉଦାରୀକରଣ ଯୁଗରେ ଜ୍ଞାନ ଏବଂ ଏହାର ବସ୍ତୁକରଣ ଏକ ସୁନିଶ୍ଚିତ ଗ୍ୟାରେଣ୍ଟି ସହିତ ଆସୁଛି ଏବଂ ଲମ୍ବା ଚୌଡ଼ା ହୋର୍ଡିଂମାନ ଯାକଯମକରେ ଦେଖିବାକୁ ମିଳୁଛି। ଯେଉଁଠାରେ ବିଦ୍ୟାର୍ଥୀଙ୍କର ଚିତ୍ର ଏବଂ ସଫଳତାର କାହାଣୀ ଏବଂ ଉପଲବ୍ଧିମାନ ଛପା ଯାଉଛି ଏବଂ ଘୋଷଣା ସହିତ ଆଶ୍ୱାସନା ଦିଆଯାଉଛି ଯେ ଯଦି ଆମ କୋଚିଂ ସେଣ୍ଟରରେ କୋଚିଙ୍ଗ ନେଲେ ଆପଣଙ୍କର ନିଶ୍ଚିତ ଭାବରେ ଅଲଗା ଚିତ୍ର ପ୍ରତିଫଳିତ ହେବ। ଏହିପରି ଭାବରେ ଭଳିକି ଭଳି ଆଶ୍ୱାସନା ଭରା ଆଶ୍ୱାସନା ଦିଆଯାଉଅଛି। ଯଦି ଏହାଭିତରେ ବିଦ୍ୟାର୍ଥୀଟି ଅସଫଳ ହୁଏ ତେବେ ସଂସ୍ଥାର ଦୁର୍ବଳତା ନୁହେଁ, ଶିକ୍ଷାର୍ଥୀଟିର ଦୁର୍ବଳତାକୁ ଦର୍ଶାଯାଉଛି। ୨୦୨୧ର ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ ଅନୁସାରେ ପ୍ରାୟ ତେର ହଜାର ବିଦ୍ୟାର୍ଥୀ ବିଫଳତା କାରଣରୁ ଆତ୍ମହତ୍ୟା କରିଛନ୍ତି। ପ୍ରାୟ ପ୍ରତିଦିନ ୩୫ ବିଦ୍ୟାର୍ଥୀ ଜୀବନକୁ ବିସର୍ଜନ କରୁଛନ୍ତି। ଏହି ପ୍ରକାର ପୁରା ବ୍ୟବସ୍ଥା ଏତେ ବଡ଼ ବିକଟ ରୂପ ଗ୍ରହଣ କଲାଣି ଯେ, ସରକାର ବାଧ ହୋଇ ନିୟମ ପ୍ରଣୟନ କଲେ ଯେ, ୧୬ବର୍ଷ ବା ୧୬ବର୍ଷରୁ କମ୍ ବିଦ୍ୟାର୍ଥୀ କୌଣସି କୋଚିଙ୍ଗ ସେଣ୍ଟରରେ ପ୍ରବେଶ କରିପାରିବେ ନାହିଁ। ଯାହାଫଳରେ ଅଧିକରୁ ଅଧିକତର ଦୃଢ଼ ଅଧିନିୟମ ଜନ୍ମ ନେବ। ଆମର ନୀତି କଥା କହେ 'ସା ବିଦ୍ୟା ଯା ବିମୁକ୍ତୟେ'ର ପୌରାଣିକ ଉକ୍ତିଟି ଭାରତୀୟ ଶିକ୍ଷା ବ୍ୟବସ୍ଥାଟି ଆଜି ବିଶ୍ୱରେ ସଫଳତା ଏବଂ ଚାକିରିର ଗ୍ୟାରେଣ୍ଟିରେ ଅନୁବନ୍ଧିତ ହୋଇଗଲା। ଶିକ୍ଷା ଏବଂ ଜ୍ଞାନର ଡିଜିଟାଲକରଣରେ ମଧ୍ୟ ଏକ ଭିନ୍ନ ଦୁନିଆ ରଚନା କରାଯାଇଅଛି। ମେସିନ ମେଧା ଯୁଗରେ ମାନବୀୟ ମେଧାର ପ୍ରତିଯୋଗିତା ବର୍ତ୍ତମାନ ଦ୍ୱିତୀୟ ମାନବ ସହିତ ନହୋଇ ମେସିନ ସହିତ ହେଉଅଛି। ଶିକ୍ଷାର ମେସିନ ପ୍ରକ୍ରିୟାକରଣ ମଣିଷକୁ ଅବଶ୍ୟ ସକ୍ଷମ ଓ ସଫଳ ହବାରେ ସାହାଯ୍ୟ କରୁଛି, ଅପରପକ୍ଷରେ ଆମଦ୍ୱାରା ନିର୍ମିତ ହବାକୁ ଥିବା ମନୁଷ୍ୟତାକୁ ଆମ୍ଭେ ଅବଶ୍ୟ ହରାଇ ବସିଛୁ। ଏହି ପ୍ରକାର ସମସ୍ତ ପରୀକ୍ଷା, ସଫଳତାର ଆଶ୍ୱାସନା କେନ୍ଦ୍ରୀୟ ସଂସ୍ଥାରେ ସବୁ ଜ୍ଞାନକୁ 'ସାମାନ୍ୟ ଜ୍ଞାନ', 'ବିଶିଷ୍ଟ ଜ୍ଞାନ' ଏବଂ ଏହାକୁ ବୁଝିବାକୁ ବ୍ୟକ୍ତିଗତ ପ୍ରଜ୍ଞାକୁ ଖାରଚ କରାଗଲା। ଜ୍ଞାନର ପ୍ରକାର ପ୍ରକାର ବାଣିଜ୍ୟକରଣ ବା ବ୍ୟବସାୟୀକରଣରେ ଗଳା କଟା ପ୍ରତିଯୋଗିତା ସଫଳ ହେବ କିନ୍ତୁ 'ସର୍ବେ ଭବନ୍ତୁ ସୁଖିନଃ'ର ଦର୍ଶନ ନଥିବ। ଶିକ୍ଷା ଏବଂ ଆର୍ଥିକ ବିକାଶ ଗତିର ସହ-ସମ୍ବନ୍ଧକୁ ବହୁତ ଆଗରୁ ସାମାଜିକ ମାନ୍ୟତା ମିଳିଛି। କୋଚିଙ୍ଗ ଏବଂ ଟିଉସନ କେନ୍ଦ୍ର ଏହାକୁ ନୈତିକ ମାନ୍ୟତା ମଧ୍ୟ ପ୍ରଦାନ କରୁଛନ୍ତି। ଜ୍ଞାନ ଏବଂ ଜ୍ଞାତା ଏବଂ ଅଧିଗମ ଏବଂ ବ୍ୟବହାରର ଏକ ଏସା ଛାଞ୍ଚ ଏହି ସଂକଟଟିକୁ ଆହୁରି ଗାଢ଼ କରିବ ଏବଂ ଏହାର ବାଣିଜ୍ୟକରଣର ପ୍ରକ୍ରିୟାକୁ ଆହୁରି ଗତିଶୀଳ କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୭ ଅଗଷ୍ଟ ୨୦୨୪ ବୁଧବାର
ଆଭା

# ସମସ୍ୟାରେ ଏକଲା ସନ୍ତାନ



'ଆମେ ଦୁଇ ଆମର ଦୁଇ'- ଏହି ସ୍ଲୋଗାନ୍ ୧୯୫୪ ମସିହାରେ ଭାରତରେ ବେଶ୍ ଚହଳ ପକାଇଥିଲା। ଚାଇନା ପରେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଜାତୀୟ ପରିବାର ନିୟୋଜନ କାର୍ଯ୍ୟକ୍ରମ' ଆରମ୍ଭ ହୋଇଥିଲା। ଦମ୍ପତିଙ୍କୁ ସନ୍ତାନସନ୍ତତି ସଂଖ୍ୟା ଦୁଇରେ ସୀମିତ ରଖିବାକୁ ସରକାର ଆହ୍ୱାନ କରିଥିଲେ। କିନ୍ତୁ ସମୟକ୍ରମେ ଆଧୁନିକତା, ଆର୍ଥିକସ୍ଥିତି ଓ ଶିକ୍ଷା ଖର୍ଚ୍ଚରେ ବ୍ୟାପକ ବୃଦ୍ଧି ଯୋଗୁଁ ଏବେ ଏହା 'ଆମେ ଦୁଇ ଆମର ଏକ'କୁ ସଂକୁଚିତ ହୋଇଛି। ଆଜିକାଲି ଅଧିକାଂଶ ଦମ୍ପତି ନିଜର ପୁଅ ହେଉ ବା ଝିଅ, ଗୋଟିଏ ସନ୍ତାନରେ ସନ୍ତୁଷ୍ଟ ରହୁଛନ୍ତି। ତେବେ ଏହି ଚିନ୍ତାଧାରାକୁ ଲାଗିଛି ଧକ୍କା। ଏକଲା ସନ୍ତାନମାନେ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଥ୍ୟ କହେ, ଓଡ଼ିଶାରେ ୩.୨ ପ୍ରତିଶତ ପିଲା ଏହି ସମସ୍ୟାର ଶିକାର। ଦେଖାଯାଉଛି, ସନ୍ତାନଟି ଅତ୍ୟଧିକ ସ୍ନେହ-ଶ୍ରଦ୍ଧା ପାଇ ଜିଦିଆ ହୋଇଯାଉଛି। ଆଉ ଦାବି ମୁତାବକ ଜିନିଷ ନମିଳିଲେ ବିରକ୍ତ ଓ କ୍ରୋଧିତ ହେଉଛି। ବୟସ ବଢ଼ିବା ସହ ଏହା କ୍ରମଶଃ ଉଗ୍ରରୂପ ଧାରଣ କରୁଛି। ଏଣୁ ବାପା-ମା'ଙ୍କୁ ଛୋଟ ବୟସରୁ ସନ୍ତାନକୁ ଅନୁଧ୍ୟାନ କରି ସାମାଜିକ ସମ୍ପର୍କ ବଢ଼ାଇବା, ତାର ଅବାଞ୍ଛିତ ଚାହିଦାକୁ ପ୍ରଶ୍ରୟ ନଦେବା ଏବଂ ଛୋଟ ଛୋଟ କଥାରେ ନ ରାଗି ସ୍ନେହରେ ବୁଝାଇବା ଆବଶ୍ୟକ। ଏକଲା ସନ୍ତାନଙ୍କ ଏହି ସମସ୍ୟକୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ 'ଡିପେଣ୍ଡାନ୍ସି ସିଣ୍ଡ୍ରୋମ୍' ଭାବେ ଅଭିହିତ କରିଛି। ଶାରୀରିକ ଓ ମାନସିକ ବିକାଶ ଜନିତ ସମସ୍ୟା, ନିଦ୍ରାହୀନତା, ମେଦବହୁଳତା, କଥା କହିବାରେ ଅସୁବିଧା, ଦୃଷ୍ଟିଶକ୍ତିରେ ସମସ୍ୟା, ଚିଡ଼ିଚିଡ଼ାପଣ ଆଦି ଏହାର ଅନ୍ତର୍ଗତ।

## ପିଲାଙ୍କ ସହିତ ପିଲା ହେବାକୁ ପଡ଼ିବ

କର୍ମମୟ ଜୀବନରେ ଆଜିକାଲି ବାପା ମା'ମାନେ ଗୋଟିଏ ସନ୍ତାନରେ ସନ୍ତୁଷ୍ଟ ରହୁଛନ୍ତି। ଫଳରେ ପିଲାଟି ସାମାଜିକ ବନ୍ଧନରୁ ଦୂରେଇଯାଏ। ତା' ଭିତରେ ବିରକ୍ତି ଓ କ୍ରୋଧ ବଢ଼ିଥାଏ। ସେଥିପାଇଁ ଆମେ ପିଲାଟିକୁ ତା' ସ୍ତରକୁ ଯାଇ ବୁଝିବା ଦରକାର। ଏକଲା ରହିବାଦ୍ୱାରା ତା' ଭିତରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦିଏ। ସେ ନିଜ କଥା ଅନ୍ୟ ଆଗରେ ପରିପ୍ରକାଶ କରିପାରେନାହିଁ, ବିରକ୍ତି ପ୍ରକାଶ କରେ। ଫଳରେ ପିଲାଟି ଅବସାଦଗ୍ରସ୍ତତା ଆଡ଼କୁ ଗତି କରେ। ଶିଶୁ ଓ କିଶୋରଙ୍କ ଭିତରେ ଦୁଃଖ, କ୍ରୋଧ, ସ୍ନେହ, ନିଃସଙ୍ଗତା, ହତାଶାବୋଧ ସବୁ ରହିଛି। ଏ ସବୁକୁ ନେଇ ସେମାନେ ବେଶ୍ ଭାବପ୍ରବଣ। ତେଣୁ ସେମାନେ କିପରି ସକାରାତ୍ମକ ହେବେ ସେଥିପ୍ରତି ଅଭିଭାବକମାନେ ଧ୍ୟାନ ଦେବା ଦରକାର।

**ଡାକ୍ତର ବିଭୁଦତ୍ତ ମିଶ୍ର**
**ଶିଶୁରୋଗ ବିଶେଷଜ୍ଞ, ଜଗନ୍ନାଥ ହସ୍ପିଟାଲ୍, ଭୁବନେଶ୍ୱର**

## ପିଲାକୁ ନା' କହିବା ଶିଖନ୍ତୁ

ଗୋଟିଏ ସନ୍ତାନ ହେବା ଦ୍ୱାରା ବାପା-ମା'ଙ୍କର ଗେହ୍ଲା ଓ ଭଲପାଇବା ବଢ଼ିଯାଏ, ଫଳରେ ପିଲାଟି ମନରୁ ଡର ଛାଡ଼ିଯାଏ। ସେମାନଙ୍କର ଜିଦି ବଢ଼େ। ଜିଦି ନ ରହିଲେ ଚିଡ଼ିଚିଡ଼ାପଣ ଆସେ। ପୁଣି ସମବୟସ୍କ ଖେଳସାଥୀ ନଥିବାରୁ ଏକଲାପଣ ବଢ଼ିଯାଏ। ଛୋଟ ଛୋଟ କଥାରେ ବିଚଳିତ ହେବା ବଢ଼ିଯାଏ ଓ ସହନଶୀଳତା କମିଯାଏ। ଦୁଇଟି ସନ୍ତାନ ଥିଲେ ସେମାନଙ୍କ ଭିତରେ ଏକ ସ୍ନେହର ବନ୍ଧନ ଥାଏ। ଯାହାଦ୍ୱାରା ଜଣେ ଜଣଙ୍କର ଯତ୍ନ ନେବା, ଭୁଲ୍ ଠିକ୍ ବୁଝାଇବା ଏବଂ ଜଣେ ଜଣଙ୍କୁ ଅନୁକରଣ କରି ସବୁ ଶିଖିଯାଏ। କିନ୍ତୁ ଏକଲା ରହିବା ଦ୍ୱାରା ତା'ର ବ୍ୟକ୍ତିତ୍ୱରେ ବିକାଶ ହୋଇପାରେ ନାହିଁ। ଫଳରେ ମାନସିକ ଚାପ ବଢ଼ିବା ସହିତ ପ୍ରତ୍ୟେକ ଜିନିଷରେ ଅଧିକ ଆଶା ରହିଥାଏ। ସେଥିପାଇଁ ଛୋଟବେଳୁ ସେମାନଙ୍କ ସବୁ କଥାରେ 'ହଁ' ନ ଭରି ଆବଶ୍ୟକ ସ୍ଥଳେ ନା' କହିବା ନିହାତି ଦରକାର।

**ଡାକ୍ତର ତନ୍ମୟିନୀ ଦାସ, ମାନସିକରୋଗ ବିଶେଷଜ୍ଞ,**
**ମେଣ୍ଟାଲ୍ ହେଲ୍ଥ ଇନ୍ସ୍ଟିଚ୍ୟୁଟ୍, ଏସ୍‌ସିବି ମେଡିକାଲ୍ କଲେଜ୍, କଟକ**

# କମୁଛି ମହିଳା-ପୁରୁଷ ଆୟୁଷ ବ୍ୟବଧାନ



ଭେଷଜ ବିଜ୍ଞାନର ବିକାଶ ସାଙ୍ଗକୁ ସାମଗ୍ରିକ ଭାବେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟି ଆମମାନଙ୍କର ମୃତ୍ୟୁହାର କମିବା ସହ ହାରାହାରି ବୟସ ଯଥେଷ୍ଟ ବୃଦ୍ଧି ପାଇଛି। ଏକ ପରିସଂଖ୍ୟାନ ଅନୁଯାୟୀ, ୧୯୫୦ ମସିହା ବେଳକୁ ବିଶ୍ୱ ସ୍ତରରେ ମନୁଷ୍ୟର ହାରାହାରି ଜୀବନଧାରଣ କ୍ଷମତା ୪୬ରୁ ୪୮ ବର୍ଷ ରହିଥିବା ବେଳେ ୨୦୨୦ ମସିହା ବେଳକୁ ତାହା ସାଢ଼େ ୭୨ ବର୍ଷରୁ ୭୩ ବର୍ଷ ଯାଏ ହୋଇପାରିଛି। ତେବେ ପୁରୁଷ ଓ ମହିଳାଙ୍କ ଆୟୁଷ ମଧ୍ୟରେ ଏକ ବ୍ୟବଧାନ ରହିଆସିଛି। ଏହି ବ୍ୟବଧାନ ଏବେ କମିବାରେ ଲାଗିଛି ବୋଲି ଏକ ନୂଆ ଅଧ୍ୟୟନରୁ ଜଣାଯାଇଛି। ସ୍ପେନ୍‌ର ଆଲକାଲା ବିଶ୍ୱବିଦ୍ୟାଳୟର ଅର୍ଥନୀତି ଓ ବାଣିଜ୍ୟ ପରିଚାଳନା ବିଭାଗର ଗବେଷକମାନଙ୍କ ଦ୍ୱାରା ସଂପନ୍ନ ହୋଇଥିବା ଗବେଷଣାରେ ଉତ୍ତର ଆମେରିକା, ୟୁରୋପ, ଜାପାନ, ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ଆଦି ୧୯୦ଟି ଦେଶର ଲୋକମାନଙ୍କ ହାରାହାରି ବୟସକୁ ବିଚାରକୁ ନେଇ ଏକ ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରାଯାଇଛି। ୧୯୯୦ ମସିହାରେ ମହିଳାମାନଙ୍କ ହାରାହାରି ବୟସ ୭୭.୧୭ ବର୍ଷ ରହିଥିବା ବେଳେ ପୁରୁଷମାନଙ୍କର ହାରାହାରି ବୟସ ୭୨.୨୩ ବର୍ଷ ଥିଲା। ତେବେ ୨୦୧୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ବୟସ ୮୩.୧୦ ବର୍ଷକୁ ବୃଦ୍ଧି ପାଇଥିବା ବେଳେ ପୁରୁଷମାନଙ୍କର ବୟସ ୭୮.୭୩ ବର୍ଷ ହୋଇଛି। ଅର୍ଥାତ୍ ହାରାହାରି ବୟସ ବ୍ୟବଧାନରେ ପ୍ରାୟ ୦.୨ ବର୍ଷ କମିଛି।

୧୯୯୦ ମସିହାରେ ମହିଳାମାନଙ୍କ ହାରାହାରି ବୟସ ୭୭.୧୭ ବର୍ଷ ରହିଥିବା ବେଳେ ପୁରୁଷମାନଙ୍କର ହାରାହାରି ବୟସ ୭୨.୨୩ ବର୍ଷ ଥିଲା। ତେବେ ୨୦୧୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ବୟସ ୮୩.୧୦ ବର୍ଷକୁ ବୃଦ୍ଧି ପାଇଥିବା ବେଳେ ପୁରୁଷମାନଙ୍କର ବୟସ ୭୮.୭୩ ବର୍ଷ ହୋଇଛି। ଅର୍ଥାତ୍ ହାରାହାରି ବୟସ ବ୍ୟବଧାନରେ ପ୍ରାୟ ୦.୨ ବର୍ଷ କମିଛି। ସେହିପରି ୨୦୩୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ଆୟୁଷ ୮୬.୫୪ ବର୍ଷ ଓ ପୁରୁଷମାନଙ୍କର ୮୩.୧୩ ବର୍ଷ ହେବ ବୋଲି ଆକଳନ କରାଯାଉଛି। ମହିଳାମାନଙ୍କର ହାରାହାରି ବୟସ ଅଧିକ ରହିଥିଲେ ହେଁ ପୁରୁଷଙ୍କ ତୁଳନାରେ ସେମାନଙ୍କର ମୃତ୍ୟୁହାର ଅଧିକ ରହୁଥିବାରୁ ବୟସ ବ୍ୟବଧାନ ଏପରି କମି ଆସୁଥିବା ଜଣାଯାଇଛି।

# ଏହି କ୍ଷେତ୍ରରେ ଅତ୍ୟଧିକ କଲରା ଖାଇବା ମନା



ପାଟିକୁ ପିତା, ହେଲେ ଦେହ ପାଇଁ ଭାରି ହିତ। ଏଭଳି ଏକ ପରିବା ହେଉଛି କଲରା। କଲରା ପିତା ହେଲେ ବି ଭାରି ସ୍ୱାଦିଷ୍ଟ। କଲରା ଖାଇବାର ମଜା ଯିଏ ଜାଣିଛନ୍ତି ସେମାନଙ୍କର ଏହି ପରିବା ପ୍ରିୟ ପରିବା ଭିତରେ ଗଣା ହୋଇଯାଏ। ଏହାକୁ ଆପଣ କଞ୍ଚା ବି ଜୁସ୍ କରି ପିଇପାରିବେ।

କଲରା ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ଚର୍ମ ରୋଗ ଦୂର ହୋଇଥାଏ। ମୁହଁ ବ୍ରଣରୁ ନେଇ ଯାଦୁ, କାଛୁ, କୁଣ୍ଡିଆ ଆଦି ସମସ୍ୟାକୁ କଲରା ଖାଇବା ଦ୍ୱାରା ନିୟନ୍ତ୍ରଣରେ ରଖାଯାଇପାରେ।

କଲରାରେ ବହୁ ଗୁରୁତ୍ୱପୂର୍ଣ୍ଣ ନ୍ୟୁଟ୍ରିଏଣ୍ଟସ୍ ରହିଛି। ଏହାକୁ ଖାଇବା ଦ୍ୱାରା ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ମଧୁମେହ ରୋଗୀଙ୍କ ପାଇଁ କଲରା ଔଷଧ ପରି କାମ କରେ।

କର୍କଟ ସହ ଲଢ଼ିବା ପରି ରୋଗ ପ୍ରତିରୋଧକ ଶକ୍ତି ରହିଛି କଲରା ଭିତରେ। ଏଥିରେ କୋଲେଷ୍ଟ୍ରଲ୍ ସ୍ତର ବି ନିୟନ୍ତ୍ରଣରେ ରହେ।

ଓଜନ ହ୍ରାସ ସହ ତ୍ୱଚାକୁ ଯୁବା ରଖିବାକୁ ଚାହୁଁଥିଲେ ମଧ୍ୟ ଆପଣ କଲରା ଖାଇବା ଅଭ୍ୟାସ ରଖନ୍ତୁ।

ଏକ ଗୁରୁତ୍ୱପୂର୍ଣ୍ଣ କଥା ଜାଣିରଖନ୍ତୁ। ଆପଣ ଯଦି ମଧୁମେହ ରୋଗୀ ତେବେ କଲରା ଏକ ସୀମା ମଧ୍ୟରେ ଖାଇବେ। ମଧୁମେହ ରୋଗୀ ଔଷଧ ଖାଉଥିବା ହେତୁ କଲରା ଖାଇଲେ ରକ୍ତରେ ଶର୍କରା ପରିମାଣ ଅତ୍ୟନ୍ତ କମ୍ ହୋଇ ଯାଇପାରେ। ଅସ୍ତ୍ରୋପଚାର ପରେ ମଧ୍ୟ କଲରା ଖାଇଲେ ଆପଣ ଅସୁବିଧାରେ ପଡ଼ିପାରନ୍ତି। ଏହି ସମୟରେ ବି ରକ୍ତରେ ଶର୍କରା ପରିମାଣ କମ୍ ହେବାର ସମ୍ଭାବନା ରହିଛି।

# ଡେରିରେ ଉଠିବା ଭଲ ଲକ୍ଷଣ !



ବଡ଼ି ଭୋରରୁ ଉଠି ନିତ୍ୟକର୍ମ ସାରିବା ଲାଗି ଆମେ ସର୍ବଦା ପିଲାମାନଙ୍କୁ ଉପଦେଶ ଦେଉ। ତେବେ ସକାଳୁ ସକାଳୁ ଶଯ୍ୟା ଛାଡ଼ିପାରୁନଥିବା ବ୍ୟକ୍ତିଙ୍କ ପାଇଁ ଏକ ଭଲ ଖବର ଆଣିଛନ୍ତି ଆମେରିକାର ମାସାଚ୍ୟୁସେଟ୍ସ ଜେନେରାଲ ହସ୍ପିଟାଲ୍‌ର ଦଳେ ଗବେଷକ। ସେମାନେ ଚଳାଇଥିବା ଅନୁଧ୍ୟାନ ଅନୁଯାୟୀ, ଯେଉଁମାନେ ସକାଳେ ଶୀଘ୍ର ଉଠିଥା'ନ୍ତି ସେମାନଙ୍କ ଠାରେ 'ଆନୋରେକ୍ସିଆ ନର୍ଭୋସା' ନାମକ ଏକ ପ୍ରକାର ଖାଦ୍ୟ ବିକାର ଦେଖାଦେବାର ଆଶଙ୍କା ଅଧିକ ଥାଏ। ଏଥି ସହିତ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ସହିତ ଆନୋରେକ୍ସିଆ ନର୍ଭୋସା ମଧ୍ୟରେ ଥିବା ସଂଯୋଗ ବାବଦରେ ମଧ୍ୟ ଗବେଷକମାନେ ଜାଣିପାରିଛନ୍ତି। ପୂର୍ବ ଗବେଷଣାରୁ ଖାଦ୍ୟ ବିଶୃଙ୍ଖଳା ଓ ଶରୀରର ଆଭ୍ୟନ୍ତରୀଣ ଘଣ୍ଟା ବା 'ସିର୍କାଡିଆନ୍ କ୍ଲକ୍' ମଧ୍ୟରେ ସଂଯୋଗ ଥିବା କଥା ସ୍ପଷ୍ଟ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଏହି ସିର୍କାଡିଆନ୍ କ୍ଲକ୍ ହିଁ ଶରୀରର ନିଦ୍ରା ସମେତ ଅନେକ ଜୈବିକ କ୍ରିୟାକୁ ନିୟନ୍ତ୍ରଣ କରିଥାଏ। ଗବେଷକମାନେ ଆନୋରେକ୍ସିଆ ନର୍ଭୋସା ସହ ଜଡ଼ିତ ଗୁଣସୂତ୍ର ଓ ମର୍ନିଂ କ୍ରୋନୋଟାଇପ୍ (ରାତିରେ ଶୀଘ୍ର ଶୋଇ ସକାଳେ ଶୀଘ୍ର ଉଠିବା) ସହ ଜଡ଼ିତ ଗୁଣସୂତ୍ର ମଧ୍ୟରେ ଏକ ଦ୍ୱିପାକ୍ଷିକ ସମ୍ପର୍କର ସନ୍ଧାନ କରିପାରିଛନ୍ତି। ତାହାକୁ ବିଶ୍ଳେଷଣ କଲା ପରେ ଇନ୍‌ସୋମ୍ନିଆ ସହ ଜଡ଼ିତ ଗୁଣସୂତ୍ର ମଧ୍ୟ ଏଥିରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ଆନୋରେକ୍ସିଆ ନର୍ଭୋସା ପରି ରୋଗର କାରଣ ସଠିକ୍ ଭାବେ ଜଣାପଡ଼ିନଥିବା ବେଳେ ଏହାର ଚିକିତ୍ସା ମଧ୍ୟ ସୀମିତ। ସେହିପରି ବିଭିନ୍ନ ପ୍ରକାର ମାନସିକ ରୋଗରେ ମୃତ୍ୟୁବରଣ କରୁଥିବା ରୋଗୀଙ୍କ ମଧ୍ୟରେ ଆନୋରେକ୍ସିଆ ନର୍ଭୋସା ରୋଗୀଙ୍କ ସଂଖ୍ୟା ଦ୍ୱିତୀୟ ସର୍ବାଧିକ। ତେଣୁ, କେହି ଯଦି ସ୍ୱତଃପ୍ରବୃତ୍ତ ଭାବେ ସକାଳେ ବିଳମ୍ବରେ ଉଠୁଛି, ତେବେ ତାହାକୁ ପରୋକ୍ଷରେ ଏକ ସୁସ୍ଥ ଅବସ୍ଥା ବୋଲି ଭାବିବାକୁ ପଡ଼ିବ।

# ଏହି ସମୟରେ ଦାନ୍ତ ଘଷନ୍ତୁ ନାହିଁ

ସକାଳୁ ଉଠି ମୁହଁ ଧୋଇ ଦାନ୍ତ ଘଷିବା ଅଭ୍ୟାସ ଆମ ସମସ୍ତଙ୍କର ରହିଛି। କାରଣ ଆମେ ଖାଇ ସାରି ରାତିରେ ଶୋଇବା ପରେ ଆମ ପାଟିରେ ଥିବା ବୀଜାଣୁମାନେ ଶ୍ୱେତସାର ଜାତୀୟ ଖାଦ୍ୟକୁ ଭାଙ୍ଗି ଏକ ପ୍ରକାର ଅମ୍ଳରେ ପରିଣତ କରିଥା'ନ୍ତି। ଏହା ଆମ ଦାନ୍ତ ଉପରେ 'ପ୍ଲାକ୍' ନାମକ ଏକ ପ୍ରକାର ସ୍ତର ହୋଇ ବସିଯାଏ ଯାହା ଆମର ଦନ୍ତକ୍ଷୟର କାରଣ ସାଜିଥାଏ। ତେଣୁ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ଦାନ୍ତ ଘଷିବା ନିହାତି ଆବଶ୍ୟକ। ତେବେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଦାନ୍ତ ଘଷିବା କ୍ଷତିକାରକ ହୋଇଥାଏ।

କ୍ଷଖାଇ ସାରି ସଙ୍ଗେ ସଙ୍ଗେ ଦାନ୍ତ ଘଷିବାକୁ ଦନ୍ତ ବିଶେଷଜ୍ଞମାନେ ବାରଣ କରିଥାନ୍ତି। କାରଣ ଖାଇବା ପରେ ଦାନ୍ତଗୁଡ଼ିକ ଅମ୍ଳୀୟ ହୋଇଯାଇଥାଏ। ସେହି ସମୟରେ ଦାନ୍ତ ଘଷିଲେ ଦାନ୍ତରୁ ଅଧିକ ପରିମାଣର ବାହ୍ୟ ଆବରଣ (ଏନାମେଲ୍) ଛାଡ଼ିଯାଇଥାଏ। ତେଣୁ ଖାଇବାର ଅତି କମ୍‌ରେ ୩୦ରୁ ୬୦ ମିନିଟ୍ ପରେ ଦାନ୍ତ ଘଷିବା ଉଚିତ। ଏହି ସମୟ ଭିତରେ ପାଟିର ଲାଳରସ ଉକ୍ତ ଅମ୍ଳକୁ ନିଷ୍କ୍ରିୟ କରିଦେଇଥିବ।

କ୍ଷବାନ୍ତି କରିବା ପରେ ମଧ୍ୟ ଦାନ୍ତ ଘଷିବା ଅନୁଚିତ। କାରଣ ବାନ୍ତି ବେଳେ ପାକସ୍ଥଳୀରୁ ଉଚ୍ଚମାନର ଦନ୍ତ କ୍ଷୟକରୀ ଅମ୍ଳ ନିର୍ଗତ ହୋଇଥାଏ। ତେଣୁ ହଠାତ୍ ଦାନ୍ତ ଘଷିବା ଦ୍ୱାରା ତାହା ଦାନ୍ତ ସାରା ଖେଳାଇ ହୋଇଯିବା ସହ ଏନାମେଲ୍ କ୍ଷୟର କାରଣ ସାଜିବ। ତେଣୁ ବାନ୍ତି କରିବାର ଅଧଘଣ୍ଟାଏ ପରେ ଯାଇ ଦାନ୍ତ ଘଷିବା ଉଚିତ।

କ୍ଷକଫି ପିଇବା ପରେ ପରେ ଦାନ୍ତ ଘଷିବା କ୍ଷତିକାରକ। କାରଣ କଫି ପିଇବା ପରେ ପାଟି ଭିତରର ପିଏଚ୍ ସ୍ତର କମିଯାଇ ଏକ ଅମ୍ଳୀୟ ପରିବେଶ ସୃଷ୍ଟି କରିଥାଏ। ତେଣୁ ସଙ୍ଗେ ସଙ୍ଗେ ଦାନ୍ତ ଘଷିଲେ ଅନୁରୂପ ଭାବେ ଦନ୍ତକ୍ଷୟର ଆଶଙ୍କା ରହିଛି। ଏ କ୍ଷେତ୍ରରେ ମଧ୍ୟ ଅଧଘଣ୍ଟାଏ ପରେ ଦାନ୍ତ ଘଷିଲେ ଭଲ।





# ବ୍ରଣ କମାଇବ ବ୍ରଣ ସୃଷ୍ଟିକାରୀ ବୀଜାଣୁ

ମୁହଁରେ ବ୍ରଣ ଉଠି ତ୍ୱଚାକୁ କଦର୍ଯ୍ୟ କରିବା ସହ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ। ତେବେ କଣ୍ଟାକୁ କଣ୍ଟାରେ କାଢ଼ିବା ନ୍ୟାୟରେ ବୈଜ୍ଞାନିକମାନେ ଏବେ ତାହାର ଉପଚାର ପାଇଁ ଏକ ଅଭିନବ କୌଶଳ ବିକଶିତ କରିଛନ୍ତି। ଆମ ଚର୍ମରେ ରହିଥିବା ବିଭିନ୍ନ ପ୍ରକାର ବୀଜାଣୁମାନଙ୍କ ଭିତରେ 'କ୍ୟୁଟିବ୍ୟାକ୍ଟେରିଅମ୍ ଆକ୍‌ନିସ୍' ହେଉଛି ଅନ୍ୟତମ। ଏହା ଆମ ଚର୍ମକୁ ବାହ୍ୟ ସୁରକ୍ଷା ଯୋଗାଇଥାଏ। ତେଣୁ ଆମ ଚର୍ମ ପାଇଁ ଏହା ଏକ ଅପରିହାର୍ଯ୍ୟ ବୀଜାଣୁ। ଏହା ଚର୍ମର ଲୋମକୂପ ବାଟେ ଚର୍ମର ଅଭ୍ୟନ୍ତରକୁ ପଶି 'ସିବମ୍' ନାମକ ଏକ ପ୍ରକାର ତୈଳୀୟ ପଦାର୍ଥ ଝରାଇଥାଏ। ଏହା ଚର୍ମ ଉପରେ ଆଖପାଖ ମୃତକୋଷମାନଙ୍କୁ ଅଠା ପରି ଏକାଠି କରି ଚର୍ମରେ ରହିଥିବା ରନ୍ଧ୍ରଗୁଡ଼ିକୁ ଅବରୋଧ କରିଦେଇଥାଏ, ଯାହା ଚର୍ମ ଉପରେ ବ୍ରଣ ସୃଷ୍ଟିର କାରଣ ସାଜିଥାଏ।

ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟବହୃତ ବୀଜାଣୁନାଶକ କ୍ରିମ୍ ଦ୍ୱାରା ଉପକାରୀ ବୀଜାଣୁମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ।

ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବାର୍ସିଲୋନାସ୍ଥିତ ପମ୍ପେଉ ଫାବ୍ରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଭିନବ ସମାଧାନ ବାହାର କରିଛନ୍ତି। ବହୁ ପରିମାଣର ସିବମ୍ ଓ ମୃତ କୋଷ ମିଶି ବ୍ରଣର ଆକାର ବଢ଼ାଇଥାନ୍ତି। ତେବେ ବ୍ରଣକୁ ଭଲ କରିବା ଲାଗି ଆମେ ସାଧାରଣତଃ ଆଣ୍ଟିବ୍ୟାକ୍ଟେରିଆ କ୍ରିମ୍ ବ୍ୟବହାର କରିଥାଉ। ମାତ୍ର ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟବହୃତ ବୀଜାଣୁନାଶକ କ୍ରିମ୍ ଦ୍ୱାରା ଉପକାରୀ ବୀଜାଣୁମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବାର୍ସିଲୋନାସ୍ଥିତ ପମ୍ପେଉ ଫାବ୍ରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଭିନବ ସମାଧାନ ବାହାର କରିଛନ୍ତି। ସେମାନେ ଉକ୍ତ ବୀଜାଣୁର ଗୁଣସୂତ୍ରରେ ସାମାନ୍ୟ ପରିବର୍ତ୍ତନ ଆଣି ଏକ ନୂତନ ପ୍ରଜାତିର 'କ୍ୟୁଟିବ୍ୟାକ୍ଟେରିଅମ୍ ଆକ୍‌ନିସ୍' ଉଦ୍ଭବ କରାଇଛନ୍ତି। ଏହି ନୂତନ ବୀଜାଣୁ ସିବନ କ୍ଷରଣକୁ ହ୍ରାସ କରାଇ ବ୍ରଣ ସୃଷ୍ଟିକୁ କମାଇପାରିବ। ତେବେ ଏହି ନୂଆ ପ୍ରଜାତିର ବୀଜାଣୁର ପରୀକ୍ଷା ନିରୀକ୍ଷା ମୂଷା ଚର୍ମ ଉପରେ ସଫଳ ହୋଇଥିବା ବେଳେ ମନୁଷ୍ୟ ଚର୍ମରେ ତାହାର ଅନୁକୂଳ ପ୍ରଭାବ ପାଇଁ ଗବେଷଣା ଜାରି ରହିଛି।



# ତ୍ୱଚା ପାଇଁ ରାମବାଣ ସଦୃଶ୍ୟ ଡାଳିମ୍ବ ଜୁସ୍

ଅନେକ ଲୋକ ଜୁସ୍ ଦୋକାନକୁ ଗଲେ ମିକ୍ସ ଜୁସ୍ ପିଇବାକୁ ପସନ୍ଦ କରିଥାନ୍ତି। ଆମକୁ ଏପରି ଲାଗିଥାଏ ଯେ ମିକ୍ସ ଜୁସ୍‌ରେ ସବୁ ପ୍ରକାର ଫଳ ମିଶୁଥିବାରୁ ବିଭିନ୍ନ ଭିଟାମିନ୍ ମିଳିଥାଏ। ମାତ୍ର ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ମିକ୍ସ ଜୁସ୍ ଅପେକ୍ଷା କୌଣସି ଗୋଟାଏ ଫଳର ଜୁସ୍ ପିଇବା ଆପଣଙ୍କ ପାଇଁ ବେଶି ଲାଭପ୍ରଦ ପ୍ରମାଣିତ ହୋଇପାରେ। ତେବେ ଚାଲନ୍ତୁ ଜାଣିବା କେଉଁ ଜୁସ୍ ପିଇଲେ କେଉଁ ସବୁ ଲାଭ ମିଳେ। ସେଓ ରସ: ଆପଣ ତ ଏକଥା ନିଶ୍ଚୟ ଜାଣିଥିବେ ଯେ ଦୈନିକ ଗୋଟାଏ ସେଓ ଖାଇବା ଦ୍ୱାରା ଡାକ୍ତରଙ୍କ ଠାରୁ ଦୂରେଇ ରହି ହେବ ବୋଲି ଏକ କଥା ରହିଛି। ତେଣୁ ଆପଣ ଯଦି ସେଓ ରସ ପିଇଲେ ତେବେ ନିରୋଗ ରହିବେ। ଏଥିରେ ସନ୍ଦେହ ନାହିଁ। ଏହାଛଡ଼ା ଆପଣ ଏଥିରେ ଖିର ମିଶାଇ ଆପେଲ୍ ସେକ୍ ମଧ୍ୟ କରିପାରନ୍ତି। **ମୌସୁମି ରସ:** ମୌସୁମି ଜୁସ୍ ପିଇଲେ ଚେହେରାରେ ବୟସ୍କପଣ ସହଜରେ ଦିଶେନାହିଁ। ଡାଏଟ୍ ଥିବା ଲୋକମାନେ ବିଶେଷ କରି ମୌସୁମି ଜୁସ୍ ପିଇଥାନ୍ତି। ଏହା ଦ୍ୱାରା କେଶ ଝଡ଼ିବା ସମସ୍ୟା ବି ଦୂର ହୋଇଥାଏ। **ଡାଳିମ୍ବ ରସ:** ଯଦି ଆପଣ କୌଣସି ପ୍ରକାରର ରକ୍ତହୀନତା ରୋଗର ଶିକାର ହୋଇଛନ୍ତି ତେବେ ଆପଣଙ୍କ ପାଇଁ ଡାଳିମ୍ବ ରସ ଭଲ। ଦୈନିକ ଗୋଟିଏ ଗ୍ଲାସ ଡାଳିମ୍ବ ରସ ପିଇବା ଦ୍ୱାରା ଆପଣ ନିଜର ସମସ୍ୟା ଦୂରେଇ ଦେଇପାରିବେ। **ସପୁରୀ ରସ:** ସପୁରୀ ରସ ଆଖି ଓ ପୂରା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥାଏ। ଆପଣ ଏହି ଜୁସ୍ ପିଇଲେ ହଜମ ଭଲ ହେବା ଦ୍ୱାରା ଶରୀରକୁ ପ୍ରଚୁର ପରିମାଣର ଭିଟାମିନ୍ ସି ମିଳିଥାଏ।



# ଅତ୍ୟନ୍ତ ବିପଜ୍ଜନକ ଅଟେ ବାସି ଖାଦ୍ୟ



ଆପଣ ରାତିରେ ଦିନର ବଳକା ଭାତ ଏବଂ ରାତିରେ ରାତିର ବଳକା ଭାତ ମଧ୍ୟ ଖାଉଛନ୍ତି କି ଯଦି ହଁ, ତେବେ ସାବଧାନ ରୁହନ୍ତୁ, କାରଣ ଏହା ଏକାସାଙ୍ଗରେ ଅନେକ ରୋଗକୁ ନିମନ୍ତ୍ରଣ କରିବା ପରି ଏବଂ ହାର୍ଟ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ। ତେଣୁ ଏହି ଖାଇବା ଅଭ୍ୟାସକୁ ତୁରନ୍ତ ତ୍ୟାଗ କରିବା ଉଚିତ।

ବାସି ଖାଇବା ଦ୍ୱାରା ପେଟ ଏବଂ ହଜମ ସମସ୍ୟା ହୋଇପାରେ। ବାସ୍ତବରେ, ଜୀବାଣୁ ବାସି ଭାତରେ ବହୁତ ବୃଦ୍ଧି କରନ୍ତି, ଯାହା ପେଟ ସଂକ୍ରମଣର କାରଣ ହୋଇପାରେ। ଏହା ବ୍ୟତୀତ ପେଟ ଯନ୍ତ୍ରଣା, ଝାଡ଼ା, ବାନ୍ତି ଭଳି ସମସ୍ୟା ମଧ୍ୟ ହୋଇପାରେ। ଏହା ହୃଦଘାତର କାରଣ ହୋଇଥାଏ। ଇଣ୍ଡିପେଣ୍ଡେନ୍ସର ରିପୋର୍ଟ ଅନୁଯାୟୀ, ଏହାକୁ ଖାଇବା ଦ୍ୱାରା ଖାଦ୍ୟ ବିଷାକ୍ତ ସମସ୍ୟା ବା ଫୁଡ ପଏଜନିଂ ହୋଇପାରେ। ରିପୋର୍ଟରେ କୁହାଯାଇଛି ଯେ କଞ୍ଚା ଚାଉଳରେ ସ୍ପୋରସ ମିଳିଥାଏ, ଯାହା ରାନ୍ଧିବା ସମୟରେ ମଧ୍ୟ ରହିଥାଏ, କିନ୍ତୁ ଚାଉଳ ଗରମ ହେଲେ ଏହି ଜୀବାଣୁ ଶରୀରକୁ କ୍ଷତି ପହଞ୍ଚାଇବାରେ ଅସମର୍ଥ ହୁଅନ୍ତି। ଯେତେବେଳେ ଚାଉଳକୁ କୋଠରୀ ତାପମାତ୍ରାରେ ଅନେକ ଘଣ୍ଟା ରଖାଯାଏ, ସ୍ପୋରସ ଜୀବାଣୁରେ ପରିଣତ ହୁଏ ଏବଂ ଯେତେବେଳେ ଏହି ଜୀବାଣୁ ଶରୀରରେ ପହଞ୍ଚନ୍ତି, ସେତେବେଳେ ଏହା ଜଣଙ୍କୁ ଅସୁସ୍ଥ କରିପାରେ।

ଯେତେବେଳେ ଚାଉଳକୁ ଦୀର୍ଘ ସମୟ ଧରି ରଖାଯାଏ, ଏହା ଦୂଷିତ ହୋଇଯାଏ, ଯାହାକୁ ଭଜା ଚାଉଳ ସିଣ୍ଡ୍ରୋମ କୁହାଯାଏ। ଏହା ପେଟଠାରୁ ଆରମ୍ଭ କରି ଅନେକ ରୋଗର କାରଣ ହୋଇଯାଏ। ଏହା ବ୍ୟତୀତ, ବାସିଭାତ ମଧ୍ୟ ହୃଦୟ ସମ୍ବନ୍ଧୀୟ ରୋଗ କରିଥାଏ । ମଞ୍ଚେଷ୍ଟର ଏବଂ ସାଲଫୋର୍ଡ ୟୁନିଭରସିଟି ଦ୍ୱାରା କରାଯାଇଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁ ମାଟିରେ ଚାଉଳ ଚାଷ କରାଯାଏ, ସେଥିରେ ଆର୍ସେନିକ ଅଧିକ ଥାଏ। ଯେହେତୁ ଚାଉଳ ଚାଷ ପାଇଁ ପ୍ରଚୁର ଜଳ ଆବଶ୍ୟକ। କ୍ଷେତରେ ଥିବା ଧାନ ଫସଲ ସଂପୂର୍ଣ୍ଣ ପାଣିରେ ବୁଡ଼ି ରହିଥାଏ। ଯେଉଁଥିପାଇଁ ଆର୍ସେନିକର ପରିମାଣ ବଢିଥାଏ। ଯେତେବେଳେ ଆର୍ସେନିକ ଅନ୍ୟ ବିଷାକ୍ତ ପଦାର୍ଥ ସହିତ ମିଶ୍ରିତ ହୁଏ ଏହା ହୃଦଘାତର କାରଣ ହୋଇଥାଏ। ତେଣୁ ବାସି ଭାତ ଖାଇ ଏହି ସମସ୍ୟା ଆହୁରି ବଢ଼ିଯାଏ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୭ ଅଗଷ୍ଟ, ବୁଧବାର,୨୦୨୪


# ଅଲିମ୍ପିକ୍ସରେ ୩୦୦୦ ମିଟର ଷ୍ଟିପଲଚେଜ୍ ଫାଇନାଲରେ ଅବିନାଶ ସାବ୍‌ଲେ




**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତକୁ ପଦକ ଆଶା ଦେଲେ ଧାବକ ଅବିନାଶ ସାବଲେ । ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ ଦୌଡ଼ରେ ଅବିନାଶ ସାବଲେ ଫାଇନାଲରେ ପ୍ରବେଶ କରିଛନ୍ତି । ପ୍ରଥମ ରାଉଣ୍ଡ ହିଟ୍ ୨ରେ ଦୌଡ଼ ଆରମ୍ଭ କରି ୮:୧୫:୪୩ ସେକେଣ୍ଡରେ ୩୦୦୦ ମିଟର ଷ୍ଟିପଲଚେଜ୍ ରେସ ଶେଷ କରି ପଞ୍ଚମ ସ୍ଥାନରେ ରହିଥିଲେ ଅବିନାଶ। ଏହା ପରେ ସେ ଫାଇନାଲକୁ ଉନ୍ନୀତ ହୋଇଥିଲେ । ୮ ତାରିଖରେ ଭାରତୀୟ ସମୟ ରାତି ୧ଟା ୧୩ ମିନିଟରେ ଫାଇନାଲ ରେସ୍ ଖେଳାଯିବ ।

ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ଧାବକ ଅବିନାଶ ଇତିହାସ ରଚିଛନ୍ତି । ପ୍ରଥମ ଭାରତୀୟ ଭାବେ ସେ ୩୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି ।

ସୋମବାର ବିଳମ୍ବିତ ରାତିରେ ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିର ମୋଟ୍ ୩ଟି ହିଟ୍ ହୋଇଥିବା ବେଳେ ଶ୍ରେଷ୍ଠ ୫ ଜଣ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ହିଟ୍ ୨ର ପ୍ରଥମ ସ୍ଥାନରେ ରହିଥିଲେ ମରକ୍କୋର ମହମ୍ମଦ ଟିଣ୍ଡଫ। ସେ ୮ ମିନିନ ୧୦.୬୨ ସେକେଣ୍ଡରେ ରେସ ଶେଷ କରିଥିଲେ। ଅବିନାଶ ଏହି ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିବା ପରେ ଭାରତ ପାଇଁ ଆଉ ଏକ ପଦକ ଆଶା ଉଜ୍ଜୀବିତ ହୋଇଛି। ଦେଶ ପାଇଁ ପଦକ ଆଣିବାକୁ ଜୋରଦାର ପ୍ରସ୍ତୁତି କରିଛନ୍ତି ଅବିନାଶ।

ଏସିଆନ୍ ଗେମ୍ସ ୨୦୨୩ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଭାରତୀୟ ଧାବକ ଅବିନାଶ ସାବଲେ। ପୁରୁଷ ୩୦୦ ମିଟର ଷ୍ଟିପଲଚେଜ୍ ଦୌଡ଼ରେ ସାବଲେ ୮:୧୯:୫୩ ସମୟ ସହ ପ୍ରଥମ ସ୍ଥାନ ହାସଲ କରି ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ। ପ୍ରଥମ ଭାରତୀୟ ପୁରୁଷ ଆଥଲେଟ୍ ଭାବେ ସେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ।

## ପ୍ରଥମ ଥ୍ରୋରେ ବଡ଼ ସଫଳତା

# ଫାଇନାଲ୍‌ରେ ସ୍ଥାନ ପକ୍କାକଲେ ନୀରଜ୍

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ କମାଲ କରିଛନ୍ତି ଗୋଲଡ଼େନ ବୟ ନୀରଜ ଚୋପ୍ରା। ସେ ପ୍ରଥମ ପ୍ରୟାସରେ ୮୯.୩୪ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଫାଇନାଲ ଟିକେଟ୍ ହାତେଇଛନ୍ତି। ଏହା ଚଳିତ ସିଜିନ୍‌ରେ ନୀରଜଙ୍କ ଶ୍ରେଷ୍ଠ ପ୍ରଦର୍ଶନ। ଦେଶର ଅନ୍ୟତମ ଷ୍ଟାର କିଶୋର ଜେନା ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ ଏ'ରୁ ନିରାଶଜନକ ଖବର ଦେଇଥିଲେ। ସେ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ଥିବା କିଶୋର କେବଳ




୮୦.୭୩ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ପାରିଥିଲେ।

ନୀରଜ ଏହା ଠାରୁ ଯଥେଷ୍ଟ ଦୂରକୁ ଜାଭେଲିନ ଫିଙ୍ଗିଛନ୍ତି। ତାଙ୍କ ପରେ ପାକିସ୍ତାନର ଅର୍ଶଦ ନଦୀମ ମଧ୍ୟ ଫାଇନାଲକୁ ଯାଇଛନ୍ତି। ସେ ପ୍ରଥମ ପ୍ରୟାସରେ ୮୬.୫୯ ଦୂରତାକୁ ଜାଭେଲିନ ପକାଇଛନ୍ତି। ନୀରଜଙ୍କ ଭଳି ନଦୀମ ମଧ୍ୟ ପ୍ରଥମ ପ୍ରୟାସରେ ଫାଇନାଲରେ ପହଞ୍ଚିଛନ୍ତି।

ନୀରଜଙ୍କ ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୮୯.୯୪ ମିଟର। ସେ ଚଳିତ ଅଲିମ୍ପିକ୍ସରେ ୯୦ ମିଟର ଦୂରତା ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଦିଗରରେ ବର୍ତ୍ତମାନ ନୀରଜ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି। ନୀରଜଙ୍କ ଜାଭେଲିନ ଥ୍ରୋ ଫାଇନାଲ ଆସନ୍ତା ୮ ତାରିଖରେ ହେବ।

# ନିରାଶ କଲେ ଓଡ଼ିଆ ପୁଅ କିଶୋର ଜେନା

**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସରେ ଆଶା ଅନୁସାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିପାରିନାହାନ୍ତି ଓଡ଼ିଆ ପୁଅ କିଶୋର ଜେନା। ଅଲିମ୍ପିକ୍ସର ଜାଭେଲିନ ଥ୍ରୋ ଇଭେଣ୍ଟର ଫାଇନାଲକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି କିଶୋର। ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍ ଏ'ରେ ଥିବା କିଶୋରଙ୍କ ଶ୍ରେଷ୍ଠ ପ୍ରଦର୍ଶନ କେବଳ ୮୦.୭୩ ମିଟର ରହିଥିଲା। ଏହା ଯୋଗ୍ୟତା ହାସଲ କରିବା ପାଇଁ ଧାର୍ଯ୍ୟ ୮୪ ମିଟରରୁ ଯଥେଷ୍ଟ କମ୍। ପ୍ରଥମ ପ୍ରୟାସରେ କିଶୋର ଜେନା ୮୦.୭୩ ମିଟରକୁ ଜାଭେଲିନ ଫିଙ୍ଗି ଥିଲେ। ଦ୍ୱିତୀୟ ପ୍ରୟାସରେ ସେ ଫାଉଲ କରିଥିଲେ। ତୃତୀୟ ପ୍ରୟାସରେ ସେ ୮୦.୨୧ ମିଟରକୁ ଜାଭେଲିନ ପକାଇଥିଲା। ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ୮୦.୭୩ ରହିଥିବାରୁ ଏହାକୁ ଗଣତିକୁ ନିଆଯାଇଛି। ଗ୍ରୁପ୍ ଏ'ରୁ ସିଧାସଳଖ ଫାଇନାକୁ



ଯାଇ ପାରି ନଥିବା କିଶୋର ଏବେ ୯ମ ସ୍ଥାନରେ ରହିଛନ୍ତି। ଗ୍ରୁପ ବି'ରେ ମଧ୍ୟ ୧୬ ଜଣ ଖେଳାଳି ଭାଗ ନେବେ। ସେମାନଙ୍କ ମଧ୍ୟରୁ ଯଦି ଅଧିକାଂଶ କିଶୋରଙ୍କ ଠାରୁ ଖରାପ ପ୍ରଦର୍ଶନ ଓ କିଶୋର ଉଭୟ ଗ୍ରୁପର ଟପ୍ ୧୨ ମଧ୍ୟରେ ରହିବେ, ତା'ହେଲେ ଫାଇନାଲରେ ଲଢ଼େଇ କରିବେ। ନଚେତ ତାଙ୍କୁ ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେବାକୁ ପଡ଼ିବ।

ପ୍ୟାରିସ୍ ଅଲିମ୍ପିକ୍ସର ନିୟମ ଅନୁଯାୟୀ, ଗ୍ରୁପ୍ ଏରେ ୧୬ ଜଣ ଓ ଗ୍ରୁପ ବି'ରେ ୧୬ ଜଣ ଖେଳାଳି ରହିଛନ୍ତି। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୨ ଜଣ ଫାଇନାଲକୁ ଯିବେ।

ସିଧାସଳଖ ଫାଇନାଲରେ ପ୍ରବେଶ କରିବା ପାଇଁ ବେଞ୍ଚ ମାର୍କ ହେଉଛି ୮୪। ଯଦି କୌଣସି ଆଥ୍ଲେଟ୍ ୮୪ ମିଟରର ଦୂରକୁ ଜାଭେଲିନ ଫିଙ୍ଗୁଛନ୍ତି, ତା'ହେଲେ ସେ ସିଧାସଳଖ ଫାଇନାଲରେ ପ୍ରବେଶ କରିବାର ପ୍ରାବଧାନ ରହିଛି।

କିଶୋର ଜେନା ସିଧାସଳଖ ଯୋଗ୍ୟତା ଅର୍ଜନ କରି ନଥିବାରୁ ଏବେ ଅନ୍ୟ ଖେଳାଳିଙ୍କ ପ୍ରଦର୍ଶନ ଉପରେ ତାଙ୍କ ଭାଗ୍ୟ ନିର୍ଭର କରୁଛି। ୨୦୨୨ ଏସିଆନ ଗେମ୍ସରେ କିଶୋର ଜେନା ୮୭.୫୪ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ସିଲିଭର ମେଡାଲ ପାଇଥିଲେ। ହେଲେ ପ୍ୟାରିସ ଅଲିମ୍ପିକ୍ସରେ ସେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନାହାନ୍ତି।

# ପ୍ୟାରିସ୍ ଅଲିମ୍ପିକ୍ସ : ଫାଇନାଲରେ ରେସଲର ଭିନେଶ ଫୋଗାଟ୍



**ପ୍ୟାରିସ୍**

ଅଲିମ୍ପିକ୍ସରେ ଭାରତୀୟ କୁସ୍ତି ଯୋଦ୍ଧା ବିନେଶ ଫୋଗେଟ ଇତିହାସ ସୃଷ୍ଟି କରିଛନ୍ତି। ଭିନେଶ ଫୋଗଟ କ୍ୟୁବାର କୁସ୍ତି ଯୋଦ୍ଧାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ରେସଲର ଯିଏକି ଅଲିମ୍ପିକ ଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା ୫୦ କିଲୋଗ୍ରାମ ଓଜନ ବର୍ଗର ସେମିଫାଇନାଲରେ ସେ କ୍ୟୁବାର ଲୋପେଜ ଗୁଜମାନଙ୍କୁ ୫-୦ ରେ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡ ପର୍ଯ୍ୟନ୍ତ ଭିନେଶ ୧-୦ରେ ଆଗୁଆ ରହିଥିଲେ। ତାପରେ ତିନି ମିନିଟରେ ସେ କ୍ୟୁବା ରେସଲରଙ୍କ ଉପରେ ଦୁଇଥର ଆକ୍ରମଣ କରି ଚାରି ପଏଣ୍ଟ ହାସଲ କରିଥିଲେ।

ସେ ଏହି ଅଗ୍ରଣୀକୁ ଶେଷ ପର୍ଯ୍ୟନ୍ତ ବଜାୟ ରଖିଥିଲେ ଏବଂ ଫାଇନାଲରେ ପ୍ରବେଶ କରିଛନ୍ତି। ଏହାଦ୍ୱାରା ସେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଆଣିବା ପାଇଁ ଆଉ ଗୋଟିଏ ପାଦ ପଛରେ ରହିଛନ୍ତି।

ଚଳିତ ଅଲିମ୍ପିକ୍ସରେ ଭିନେଶଙ୍କ ଯାତ୍ରା ଚମତ୍କାର ହୋଇଛି। ଆହତ କାରଣରୁ ରିଓ ଅଲିମ୍ପିକ୍ସରୁ ଓହରିଯିବା ପରେ ଏବଂ ଟୋକିଓ ଅଲିମ୍ପିକ୍ସରେ ୧୬ ରାଉଣ୍ଡରୁ ଦୂରେଇ ରହିବା ପରେ ଭିନେଶ ଚଳିତ ବର୍ଷ ବିଶ୍ୱକୁ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ତାଙ୍କର ପ୍ରଥମ ମ୍ୟାଚ୍ ପ୍ରି-କ୍ୱାର୍ଟର ଫାଇନାଲରେ ସେ ଚାରିଥର ବିଶ୍ୱ ଚମ୍ପିଅନ ଏବଂ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ସୁସାକିଙ୍କୁ ୩-୨ରେ ପରାସ୍ତ କରିଥିଲେ। ତା'ପରେ କ୍ୱାର୍ଟର ଫାଇନାଲରେ ଓକ୍ସାନାଙ୍କୁ ୭-୫ରେ ପରାସ୍ତ କରିଥିଲେ।

ବର୍ତ୍ତମାନ ସେମିଫାଇନାଲରେ ୫-୦ ଜିତିବା ପରେ ସେମାନେ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ତତଃ ପକ୍ଷେ ଏକ ରୌପ୍ୟ ପଦକ ପାଇଁ ଭିନେଶ ନିଶ୍ଚିତ ହୋଇଛନ୍ତି ଏବଂ ସେ ୭ ଅଗଷ୍ଟ ବୁଧବାର ଦିନ ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଭିନେଶଙ୍କ ପୂର୍ବରୁ କେବଳ ଦୁଇ ଜଣ ଭାରତୀୟ ପୁରୁଷ କୁସ୍ତି ଅଲିମ୍ପିକ୍ସରେ ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସୁଶୀଲ କୁମାର ଏବଂ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ରବି ଦହିଆ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଉଭୟ ଶେଷ ମ୍ୟାଚ୍‌ରେ ହାରି ଯାଇଥିଲେ।




ଭୁବନେଶ୍ୱର : କଳିଙ୍ଗ ଷ୍ଟାଡ଼ିୟମରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ। (ଫଟୋ:ସମ୍ବାଦ କଳିକା)

# ପ୍ରଥମ ରାଉଣ୍ଡରୁ ବିଦାୟ ନେଲା ଭାରତୀୟ ଟିଟି ଟିମ୍

**ପ୍ୟାରିସ୍**

ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଟେବୁଲ ଟେନିସ୍‌ର ପୁରୁଷ ଟିମ୍ ଇଭେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଭାରତକୁ ଝଟ୍‌କା ଲାଗିଛି। ପ୍ରଥମ ରାଉଣ୍ଡରେ ହିଁ ଭାରତୀୟ ଦଳକୁ ଅଲିମ୍ପିକ୍ସରେ ବିଦାୟ ନେବାକୁ ପଡ଼ିଛି। ଦଳ ରାଉଣ୍ଡ ୧୬ରେ ଚାଇନାକୁ ଭେଟିଥିଲା। ହେଲେ ଚାଇନା ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ଟିମ୍‌କୁ ୩-୦ରେ ହରାଇ ଦେଇଛି। ଟିମ୍ ଇଭେଣ୍ଟର ପ୍ରଥମ ମ୍ୟାଚ୍ ଡବଲ୍ସ ହୋଇଥିଲା। ଏଥିରେ ଭାରତର ହରମୀତ ଦେଶାଇ ଓ ମାନବ ଠାକରଙ୍କ ମୁକାବିଲା ଚାଇନାର ମା ଲଙ୍ଗ ଓ ୱାଙ୍ଗ ଚୁକ୍ୱିନଙ୍କ ମଧ୍ୟରେ ହୋଇଥିଲା। ଚାଇନିଜ୍ ଯୋଡ଼ି ଆରମ୍ଭରୁ ନିଜର ଦବ୍‌ଦବା ଦେଖାଇ ହରମୀତ ଓ ମାନବଙ୍କୁ ସିଧାସଳଖ ୧୧-୨, ୧୧-୩ ଓ ୧୧-୭ରେ ହରାଇ ଦେଇଥିଲେ। ଏଥିସହ ମ୍ୟାଚ୍‌ରେ ୧-୦ରେ ଆଗୁଆ ହୋଇଯାଇଥିଲେ।

ଦ୍ୱିତୀୟ ଲଢ଼େଇରେ ଭେଟରାନ ଶରତ କମଲ ମୈଦାନକୁ ଓହ୍ଲାଇଥିଲେ। ସିଙ୍ଗଲ୍ସରେ ତାଙ୍କର ମୁକାବିଲା ପ୍ୟାରିସ ଅଲିମ୍ପିକ୍ସର ପୁରୁଷ ଏକକ ଟେବୁଲ ଟେନିସ୍ ବର୍ଗରେ ସ୍ୱର୍ଣ୍ଣ ଜିତିଥିବା ଫାନ ଝେନଡଙ୍ଗଙ୍କ ସହ ହୋଇଥିଲା। ଶରତ କମଲ ଗେମ୍ ୨ରୁ ପ୍ରଥମ ସେଟକୁ ଅପ୍ରତ୍ୟାଶିତ ଭାବେ ୧୧-୯ରେ ଜିତି ନେଇଥିଲେ। କିନ୍ତୁ




ଫାନ ନିଜର ଯାଦୁ ଦେଖାଇ ପରବର୍ତ୍ତୀ ୩ଟି ଯାକ ସେଟ୍‌କୁ ଯଥାକ୍ରମେ ୧୧-୭, ୧୧-୭ ଓ ୧୧-୫ରେ ଜିତି ଶରତଙ୍କୁ ପରାସ୍ତ କରି ଦେଇଥିଲେ। ଚାଇନା ୨-୦ ଆଗୁଆ ହୋଇଯାଇଥିଲା।

ମ୍ୟାଚ୍‌ରେ କମ୍‌ବ୍ୟାକ୍ ପାଇଁ ଭାରତକୁ ଗେମ୍ ୩ ଜିତିବା ଜରୁରୀ ହୋଇପଡ଼ିଥିଲା। ମାନବ ମଧ୍ୟ ସିଙ୍ଗଲ୍ସ ଲଢ଼େଇରେ କିଛି ମାତ୍ରାରେ ଟକ୍କର ଦେଇଥିଲେ। ହେଲେ ତାଙ୍କୁ ଚାଇନାର ୱାଙ୍ଗ ୧୧-୯, ୧୧-୬ ଓ ୧୧-୯ରେ ହରାଇ ଦେଇଥିଲେ। ଏଥିସହ ଚାଇନା ୩-୦ରେ ମ୍ୟାଚ୍ ? ଜିତି ଭାରତକୁ ଅଲିମ୍ପିକ୍ସରୁ ବିଦା କରିଥିଲା।

ଭାରତର ପୁରୁଷ ଟେବୁଲ ଟେନିସ୍ ଟିମ୍ ବିଦାୟ ନେଇଥିଲେ ହେଁ ମହିଳା ଦଳ କ୍ୱାର୍ଟର ଫାଇନାଲରେ ଲଢ଼େଇ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାରତୀୟ ମହିଳା ଟିଟି ଟିମ୍ ରୋମାନିଆକୁ ପରାସ୍ତ କରିଥିଲା।

# ଅନୁଗୁଳରେ ଶୁଭାରମ୍ଭ ହେବ ଓ.ପି ଜିନ୍ଦଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**



ଓ.ପି ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲ ଜୀଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଜେଏସ୍‌ପି ଫାଉଣ୍ଡେସନ ଆନୁକୂଲ୍ୟରେ ୭ ଅଗଷ୍ଟ ଠାରୁ ଅନୁଗୁଳରେ ଆରମ୍ଭ ହେବାକୁ ଯାଉଛି ଓ.ପି ଜିନ୍ଦଲ ଫୁଟବଲ ଟୁର୍ଣ୍ଣାମେଣ୍ଟ।

୧୨ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟଟି ଅନୁଗୁଳର ପିଟିସି ଗ୍ରାଉଣ୍ଡରେ ଅପରାହ୍ନ ୩ଟାରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୨ଟି ଦଳ ସମ୍ମାନଜନକ ଓ.ପି ଜିନ୍ଦଲ ଟ୍ରଫି ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଜି ତଥା ପୋଲିସ ଟ୍ରେନିଂ ସ୍କୁଲର ଅଧ୍ୟକ୍ଷ ଆଇପିଏସ୍ ସତ୍ୟବ୍ରତ ଭୋଇ, ଏଡିଏମ୍ (ଜେନେରାଲ) ପ୍ରତାପ ପ୍ରୀତିମୟ, ଏଡିମ୍ (ରାଜସ୍) ଶରତ ଚନ୍ଦ୍ର ମହପାତ୍ରଙ୍କ ସମେତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅନୁଗୁଳ ପ୍ଲାଣ୍ଟ ମୁଖ୍ୟ ପଙ୍କଜ ମଲହାନ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ।

ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ୧୮ ଅଗଷ୍ଟରେ ଅନୁଷ୍ଠିତ ହେବ। ଉଲ୍ଲେଖନୀୟ ଯେ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ସାରା ଦେଶର ପାଖାପାଖି ୩୦ ହଜାର ତୃଣମୂଳସ୍ତରର କ୍ରୀଡ଼ା ପ୍ରତିଭାଙ୍କୁ ପୃଷ୍ଠପୋଷକତା କରିଆସୁଛି।

# ବାଂଲାଦେଶ ହିଂସା : ହିନ୍ଦୁ କ୍ରିକେଟିୟରଙ୍କ ଘର ଜାଳିଦେଲେ ଆନ୍ଦୋଳନକାରୀ

**ଢାକା**

ସୋସିଆଲ ମିଡିଆରେ କରାଯାଉଥିବା ଦାବି ଅନୁସାରେ ବିକ୍ଷୋଭକାରୀ ବାଂଲଦେଶର କିଛି ନାମୀ କ୍ରିକେଟିୟରଙ୍କ ଘରକୁ ଟାର୍ଗେଟ କରିଛନ୍ତି। ଯେଉଁଥିପାଇଁ ବାଂଲାଦେଶ କ୍ରିକେଟ ବୋର୍ଡକୁ ମଧ୍ୟ ନିଜ କ୍ରୀଡ଼ାସୂଚୀରେ ପରିବର୍ତ୍ତନ ଆଣିବାକୁ ପଡ଼ିଛି। ବାଂଲାଦେଶ କ୍ରିକେଟ ବୋର୍ଡ ଅଗଷ୍ଟ ୫ ତାରିଖ ଦିନ ଏକ ବୟାନ ଜାରି କରିଛି ଯେ, ବାଂଲାଦେଶ-ଏ ଟିମ୍‌ର ପାକିସ୍ତାନ ଗସ୍ତ କାର୍ଯ୍ୟକ୍ରମରେ



ପରିବର୍ତ୍ତନ କରାଯିବ। ବାଂଲାଦେଶ-ଏ ଟିମ୍ ୬ ଅଗଷ୍ଟରେ ପାକିସ୍ତାନ ଯିବାରେ ଥିଲା। ଏହି ଗସ୍ତରେ ବାଂଲାଦେଶୀ ଟିମ୍ ପାକିସ୍ତାନୀ-ଏ ଟିମ୍ ବିପକ୍ଷରେ ୨ଟି ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳିବାର ଥିଲା। ବାଂଲାଦେଶୀ କ୍ରିକେଟରଙ୍କ ଘରକୁ ବିକ୍ଷୋଭକାରୀ ଟାର୍ଗେଟ କରୁଥିବା ଜଣା ପଡ଼ିଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦୁଇଟି ଘର ଜଳୁଥିବାରେ ଦେଖାଯାଉଛି। ଏହା ମଧ୍ୟରୁ ଗୋଟିଏ ଘର ୱିକେଟ କିପର ଲିଟନ ଦାସଙ୍କର ହୋଇଥିବା ବେଳେ ଅନ୍ୟଟି ପୂର୍ବତନ କ୍ରିକେଟିୟର ମଶାର୍ଫେ ମର୍ତଜାଙ୍କର ବୋଲି ଦାବି କରାଯାଉଛି। ତେବେ ଏନେଇ କୌଣସି ଆଧିକାରିକ ବୟାନ ଆସିନାହିଁ।

# ସ୍ପେନ୍‌କୁ ୪-୦ରେ ହରାଇ ଫାଇନାଲରେ ନେଦରଲାଣ୍ଡସ୍



**ପ୍ୟାରିସ୍**

ପ୍ୟାରିସ୍ ଅଲିମ୍ପିକ୍ସର ପୁରୁଷ ହକି ଫାଇନାଲରେ ପ୍ରବେଶ କରିଛି ନେଦରଲାଣ୍ଡସ। ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଏହି ଦଳ ସ୍ପେନ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ନେଦରଲ୍ୟାଣ୍ଡସ ମୋଟ ୪ଟି ଗୋଲ ସ୍କୋର କରିଥିଲା। ଅନ୍ୟପକ୍ଷରେ ସ୍ପେନ ଗୋଟିଏ ବି ଗୋଲ ଦେଇପାରିନଥିଲା।

ନେଦରଲାଣ୍ଡସ ପକ୍ଷରୁ ଜିପ୍ ଜାନସେନ ପ୍ରଥମ ଗୋଲ ଦେଇଥିଲେ। ପେନାଲ୍ଟି କର୍ଣ୍ଣର ସାହାଯ୍ୟରେ ଜାନସେନ ପ୍ରଥମ ଗୋଲ ଦେଇଥିଲେ। ପ୍ରଥମ ରାଉଣ୍ଡ ପର୍ଯ୍ୟନ୍ତ ନେଦରଲାଣ୍ଡସ ମାତ୍ର ଗୋଟିଏ ଗୋଲ ସ୍କୋର କରିପାରିଥିଲା। ଦ୍ୱିତୀୟ ରାଉଣ୍ଡରେ ନେଦରଲାଣ୍ଡପକ୍ଷରୁ ଥିଏରି ବ୍ରିଙ୍କମ୍ୟାନ ଦ୍ୱିତୀୟ ଗୋଲ ଦେଇଥିଲେ। ଏହାପରେ ସ୍ପେନ୍‌ର ମନୋବଳ ଭାଙ୍ଗି ଯାଇଥିଲା ଭଳି ଜଣାପଡୁଥିଲା। ନେଦରଲ୍ୟାଣ୍ଡପକ୍ଷରୁ ଥିଜ ଭାନ ଡାମ୍ମେ ତୃତୀୟ ଗୋଲ ଦେଇଥିଲେ। ଶେଷ ୧୫ ମିନିଟରେ ନେଦରଲାଣ୍ଡସ୍ ଆଉ ଏକ ଗୋଲ ସ୍କୋର କରିଥିଲା। ଦଳ ପକ୍ଷରୁ ଡ୍ୟୁକ୍ ଟେଲଗେନକ୍ୟାମ୍ପ ଚତୁର୍ଥ ଗୋଲ ଦେଇଥିଲେ। ଫଳରେ ନେଦରଲାଣ୍ଡସ୍ ୪-୦ଗୋଲରେ ବିଜୟୀ ହୋଇଥିଲା।

# ମହମ୍ମଦ ଶାମିଙ୍କୁ ଜୋତା ମାରିବାକୁ ଧମକ ଦେଲେ ପୂର୍ବତନ ସ୍ତ୍ରୀ

**ନୂଆଦିଲ୍ଲୀ**

ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ପ୍ରାୟତଃ ରହିଥାନ୍ତି। ଶାମି ହସିନ ଜାହାଁଙ୍କୁ ବିବାହ କରିଥିଲେ। କିନ୍ତୁ ବର୍ତ୍ତମାନ ଦୁହେଁ ପରସ୍ପରକୁ ଛାଡ଼ପତ୍ର ଦେଇଛନ୍ତି। ଉଭୟ ଦମ୍ପତିଙ୍କର ଗୋଟିଏ ଝିଅ ଅଛି, ଯାହାର ନାମ ଆୟରା। ବର୍ତ୍ତମାନ ମହମ୍ମଦ ଶାମି ତାଙ୍କ ୬ ବର୍ଷର ଝିଅ ଆୟରାଙ୍କୁ ଭେଟିବାକୁ ଆସିଛନ୍ତି। ଆୟରା ତାଙ୍କ ମା' ହସିନଙ୍କ ସହ ରୁହନ୍ତି। ସୋସିଆଲ ମିଡିଆରେ ପୋଷ୍ଟ କରି ହସିନ ଜାହା ଏହି ସୂଚନା ଦେଇଛନ୍ତି। ଏଥି ସହିତ ସେ ନିଜ ରାଗ ପ୍ରକାଶ କରିଛନ୍ତି। ହସିନ ଜାହାନ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଭଗବାନଙ୍କୁ ଧନ୍ୟବାଦ, ବେବୋ ଶେଷରେ ତାଙ୍କ ପିତାଙ୍କୁ ଭେଟିବାକୁ ଯାଇଛନ୍ତି ଏବଂ ଆଲ୍ଲା ମୋ ଝିଅକୁ ପ୍ରତ୍ୟେକ ଶତ୍ରୁ ଏବଂ ମନ୍ଦ ଆଖିରୁ ରକ୍ଷା କରନ୍ତୁ। ୬ ବର୍ଷ ପରେ ତାଙ୍କ ଝିଅ କଥା ମନେ ପଡ଼ିଛି। ମୁଁ ଏପର୍ଯ୍ୟନ୍ତ ସବୁକିଛି ସହିକି ଅଛି। ମୁଁ ଭାବୁଛି ସାମି ସୁଧୁରି ଯିବେ। କିନ୍ତୁ ସେ ମୋ ଝିଅକୁ ମୋଠାରୁ ଛଡ଼େଇ ନେବାକୁ ଚେଷ୍ଟା କରୁଛନ୍ତି। ଆଲ୍ହା ସବୁ କିଛିର ହିସାବ ଦେବେ। ସବୁକିଛି ମୋ ହାତରେ ଥିଲେ ମୁଁ ଜୋତାରେ ପିଟନ୍ତି। ମୁଁ ଅପେକ୍ଷା କରି ରହିଛି ଆଉ ବେଶୀ ଦିନ ବାକି ନାହିଁ।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-756
ଆକାଶ ଶୋଭା ବିଲ୍‌ଡ଼ିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୩୬୩୪ / ଭୁ.ଉ.କ., ଭୁବନେଶ୍ୱର MB-216/80 **ସୂଚନା** ତା ୦୬.୦୪. ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବଡ଼ଗଡ଼ ହାଉସିଂ ସ୍କିମ୍, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MB-20 କୁ ଶ୍ରୀ ସୁବଳ ଚନ୍ଦ୍ର ଦାସ, ପିତା-ସ୍ୱର୍ଗତ ଅଦୈତ ଚରଣ ଦାସ, ଗ୍ରାମ/ପୋଷ୍ଟ-ବାଗଲପୁର, ଥାନା/ଜିଲ୍ଲା-ଜଗତସିଂହପୁର, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ସୁବଳ ଚନ୍ଦ୍ର ଦାସ ଗତ ତା-୨୦.୧୦.୧୯୯୭ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। **(Death certificate No.110034** dated 29.11.97). ଇତି ମଧ୍ୟରେ ଆବଣ୍ଟନଗ୍ରାହୀ ସୁବଳ ଚନ୍ଦ୍ର ଦାସଙ୍କ ସ୍ତ୍ରୀ ଚାରୁବାଳା ଦାସ ଗତ ତା-୨୭.୦୩.୨୦୧୭ ରିଖରେ ମୃତ୍ୟୁ ବରଣ କରିଅଛନ୍ତି।

**Legal heir certificate No. E-LHC/66 of 2018** dated 15.10.2018 ଅନୁଯାୟୀ ସୁବଳ ଚନ୍ଦ୍ର ଦାସଙ୍କର ଉତ୍ତରାଧିକାରୀ (୧) ଅମିୟକାନ୍ତି ପଟ୍ଟନାୟକ (ପୁତ୍ର), (୨) ସବିତା ପଟ୍ଟନାୟକ (ବିବାହିତା କନ୍ୟା), (୩) ବନୀତା ପଟ୍ଟନାୟକ (ବିବାହିତା କନ୍ୟା), (୪) ନମିତା ପଟ୍ଟନାୟକ (ବିବାହିତା କନ୍ୟା) ଓ (୫) ନନ୍ଦିତା ପଟ୍ଟନାୟକ (ବିବାହିତା କନ୍ୟା) ଅଟନ୍ତି।

ଉକ୍ତ ଉତ୍ତରାଧିକାରୀମାନଙ୍କ ମଧ୍ୟରୁ ବନୀତା ପଟ୍ଟନାୟକ ଗତ ତା-୧୭.୧୦.୨୦୨୨ ରିଖରେ ମୃତ୍ୟୁ ବରଣ କରିଅଛନ୍ତି। **(Death certificate Registration No.D-2022:27-90271-002870** dated 02.11.2022 **Legal heir certificate No. E-LHC/2023/107842** dated 23.05.2023 ଅନୁଯାୟୀ ବନୀତା ପଟ୍ଟନାୟକଙ୍କର ଉତ୍ତରାଧିକାରୀ (୧) ସ୍ୱରୂପ କୁମାର ପଟ୍ଟନାୟକ (ପୁତ୍ର) ଅଟନ୍ତି।

ବର୍ତ୍ତମାନ ସବିତା ପଟ୍ଟନାୟକ, ନମିତା ପଟ୍ଟନାୟକ, ନନ୍ଦିତା ପଟ୍ଟନାୟକ ଓ ସ୍ୱରୂପ କୁମାର ପଟ୍ଟନାୟକ ପଞ୍ଜିକୃତ ନାଦାବି ପତ୍ର ( Registrered deed of Relinquishment-1082000442 dated 13.01.2020 & Document No. 11082000419 dated 14.01.2020) and (Registered deed of Relinquishment-1082317310 dated 08.12.2023 & Document No.11082316171 dated 13.12.2023) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ ଅମିୟକାନ୍ତି ପଟ୍ଟନାୟକଙ୍କୁ ହସ୍ତାନ୍ତର କରିଅଛନ୍ତି।

ସୁତରାଂ ଉକ୍ତ ଗୃହଟି ଅମିୟକାନ୍ତି ପଟ୍ଟନାୟକଙ୍କ ନାମରେ ସମ୍ପୂର୍ଣ୍ଣ ମାଲିକାନା ସତ୍ୱ ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
OIPR-13033/11/0095/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-759
ଆକାଶ ଶୋଭା ବିଲ୍‌ଡ଼ିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୨୬୬୭ / ଭୁ.ଉ.କ., ଭୁବନେଶ୍ୱର SRE-131/88 **ସୂଚନା** ତା ୨୮.୦୩.୨୦୨୪ରିଖ

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-S-5/460 କୁ **ଶ୍ରୀମତୀ ପ୍ରଭାବତୀ ନାୟକ, ସ୍ୱାମୀ-ସ୍ୱର୍ଗତ ହେମନ୍ତ କୁମାର ନାୟକ, ଗ୍ରାମ-ପ୍ଲଟ୍ ନଂ-୪୭୦/ସି/୧ ପ୍ରଫେସରପଡ଼ା, ପୋଷ୍ଟ-ଚାଉଳିଆଗଞ୍ଜ, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକ, ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରାହୀ **ଶ୍ରୀମତୀ ପ୍ରଭାବତୀ ନାୟକ** ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ଆଦର୍ଶ ଗୌତମ ପାଣିଗ୍ରାହୀ, ପତା-କ୍ଷୀରୋଦ ଚନ୍ଦ୍ର ପାଣିଗ୍ରାହୀ, ଗ୍ରାମ-ଶେରପୁର, ପୋଷ୍ଟ-ଦେଓଡ଼ା, ଥାନା-ଧର୍ମଶାଳା, ଜିଲ୍ଲା-ଯାଜପୁର, ଓଡ଼ିଶାଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
OIPR-13033/11/0098/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-764
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪)୨୩୯୩୫୨୪
ଇପିବିଏକ୍ସ : (୦୬୭୪)୨୩୯୧୫୪୨ଳ ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ www.shb.org

ପତ୍ର ସଂଖ୍ୟା. .......... ୧୫୩ **ବିଜ୍ଞାପନ** ତା ୦୧.୦୮.୨୦୨୪.

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰-ଯୁଧିଷ୍ଠିର ମହାପାତ୍ର | ଏଲଆଇଜି-୦୮(୮) | ୧. ସରୋଜ କୁମାର ମହାପାତ୍ର (ବି.ପୁତ୍ର) |
| ପିତା-୰ ଗୋପିନାଥ ମହାପାତ୍ର | (LIG-8) | ୨. ପଙ୍କଜ କୁମାର ମହାପାତ୍ର (ବି.ପୁତ୍ର) |
| ସା-ଉଦୟପୁର | ଧନୁର୍ଜୟପୁର | ୩. ସନ୍ଧ୍ୟାରାଣୀ ଖଟୁଆ (ବି.କନ୍ୟା) |
| ପୋ-ଉଦୟପୁର | କେଉଁଝର | ୪. ମନୋରମା ମହାପାତ୍ର (ପୁତ୍ରବଧୂ) |
| ଥାନା-ପଟନା | | ୫. ଦେବାଶିଷ ମହାପାତ୍ର (ନାତି) |
| ଜିଲ୍ଲା-କେଉଁଝର | | ୬. ସତ୍ୟଜିତ ମହାପାତ୍ର (ନାତି) |

ସ୍ୱା- ପ୍ରଶାସନିକ ଅଧିକାରୀ
OIPR-13030/11/0215/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO III BHUBANESWAR** B-148
bbsrrandb03@yahoo.com
60 Estg. No.- 4382 Date- 05.08.2024
Government of Odisha "e"-Procurement Notice No (07) of 2024-25
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Work |
| 2 | Total No of works | 1 no work |
| 3 | Estimated Cost | i) ₹ 84,74,000.00 |
| 4 | Class of Contractor | "B" Class Contractor |
| 5 | Period of Completion | 3 (Three ) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **12/08/2024 at. 1.30 P.M. to 22/08/2024 upto 5.30P.M.** |
| 8 | Last Date & Time for Receipt of bids in the Portal | **22/08/2024, upto 5.30 P.M.** |
| 9 | Name & Address of the Officer inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
**N.B: Subsequent corrigendum I addendum if required shall be available in the website as indicated above**

Sd/- Superintending Engineer
OIPR-34089/11/0006/2425 BBSR (R&B) Division No.III, BBSR

ଭୁବନେଶ୍ୱର
୦୭ ଅଗଷ୍ଟ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଓଡ଼ିଶା ଏଣ୍ଡାଓମେଣ୍ଟ କମିଶନର ଲଲାଟେନ୍ଦୁ ଜେନା । (ଫଟୋ : ସମ୍ବାଦ କଳିକା)

## ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬/୮
ନ୍ୟୁଜ ବ୍ୟୁରୋ

ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି । ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ ହେବା ସମଗ୍ର ଦେଶ ପାଇଁ ଗର୍ବ ଏବଂ ଗୌରବର ବିଷୟ । ଏହା ନିଶ୍ଚିନ୍ତ ଭାବେ ଉଭୟ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜଭୁତ କରିବ ।

# ସରକାର ଫସଲ ବୀମା ଯୋଜନାରେ ବିସଙ୍ଗତି ଦୂର କରିଛନ୍ତି

ନୂଆଦିଲ୍ଲୀ, ୬/୮

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ମଙ୍ଗଳବାର ସଂସଦରେ ପ୍ରଶ୍ନକାଳ ସମୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ, ପୂର୍ବ ଫସଲ ବୀମା ଯୋଜନା ଗୁଡିକରେ କେତେକ କଠିନତା ଥିଲା । କୃଷକମାନଙ୍କ ପାଇଁ ଉଚ୍ଚପ୍ରୀମିୟମ ଥିଲା । ଦାବି ପୂରଣ ପାଇଁ ବିଳମ୍ବିତ ହେଉଥିଲା । କୃଷକ ଏବଂ କୃଷକ ସଂଗଠନକୁ ଅନେକ ଆପତ୍ତି ଅଭିଯୋଗ ହେଉଥିଲା । ନରେନ୍ଦ୍ର ମୋଦି ନୂତନ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଣିଛନ୍ତି ଓ ଯେବେଠାରୁ ଏହି ଯୋଜନା ଆସିଛି ତୁଳନା କରିଦେଖିଲେ ପୂର୍ବରୁ କେବଳ ୩.୫୧ କୋଟି ଆବେଦନ ଆସୁଥିଲା ଏବେ ୮.୬୯ କୋଟି ଆବେଦନ ଆସିଛି । କାରଣ କୃଷକମାନଙ୍କର ଭରସା ବୃଦ୍ଧି ପାଇଛି । କଂଗ୍ରେସ ସରକାର ସମୟରେ କେବଳ କୃଷକମାନଙ୍କ ଠାରୁ ୨୦ଲକ୍ଷ ଆବେଦନ ଗ୍ରହଣ କରାଯାଇଥିଲା । ବର୍ତ୍ତମାନ ୫.୪୮ କୋଟି ଆସିଛି । କଂଗ୍ରେସ ସରକାର ସମୟରେ ମୋଟ କୃଷକ ଆବେଦନ ୩.୭୧ କୋଟି ଥିଲା । ଯାହା ବର୍ତ୍ତମାନ ୧୪.୧୭ କୋଟି ରହିଛି । କୃଷକମାନେ ୩୨,୪୪୦କୋଟି ଟଙ୍କା ସଂଗ୍ରହ କରିଥିଲେ । ଦେୟ ପ୍ରିମିୟମ ହୋଇଥିବା ବେଳେ ତାଙ୍କୁ ୧.୬୪ କୋଟି ଟଙ୍କା ମିଳିଛି । କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଯେ, ପୁରୁଣା ଫସଲ ବୀମା ଯୋଜନାରେ ବୀମା ବାଧ୍ୟତାମୂଳକ ଥିଲା ଏବଂ ବ୍ୟାଙ୍କ ଗୁଡିକ ସ୍ୱୟଂଚାଳିକ ଭାବରେ ବୀମା ପ୍ରିମିୟମ କାଟୁଥିଲେ । ବର୍ତ୍ତମାନ ସରକାର ଏହି ଅସ୍ୱଭାବିକତା ଦୂରେଇ ଦେଇଛନ୍ତି । ବର୍ତ୍ତମାନ ଯଦି ଚାଷୀ ଚାହାଁନ୍ତି ତେବେ ସେ ବୀମା କରିବା ଉଚିତ । ତେବେ ଯଦି ସେ ଇଛା ନ'କରନ୍ତି ତେବେ ସେ ତାହା କରିବା ଉଚିତ୍ ନୁହେଁ । ଶିବରାଜ ସିଂ ଚୌହାନ କହିଛନ୍ତି ଯେ, ପୂର୍ବରୁ କୃଷକ ବୀମା ପାଇନଥିଲେ । କିନ୍ତୁ ବର୍ତ୍ତମାନ ସେ ଚାହିଁଲେ ବୀମା ମଧ୍ୟ ପାଇପାରିବେ । ବର୍ତ୍ତମାନ ପର୍ଯ୍ୟନ୍ତ ଏହା ୫ଲକ୍ଷ ୧ହଜାର ହେକ୍ଟର ଜମିରେ ପରିଣତ ହୋଇଛି । ଯାହା ୨୦୨୩ରେ ୫.୯୮ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି । ଏବେ ୩.୯୭ କୋଟି ଚାଷୀଙ୍କୁ ଆବଦ୍ଧ କରାଯାଇଛି ଏବଂ କୃଷକମାନେ କ୍ରମାଗତ ଭାବରେ ଫସଲବୀମା ଯୋଜନା ଗ୍ରହଣ କରୁଛନ୍ତି । ଏହି ଯୋଜନାକୁ ସରଳ କରିବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି, ଯାହା ଦ୍ୱାରା କୃଷକମାନେ ଏହି ଯୋଜନାରୁ ଲାଭ ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ ।




# ଆମେରିକାର କନ୍‌ସୁଲ ଜେନେରାଲ ଜେନିଫର ଲାରସନ୍‌ଙ୍କ ସହ ଶିଳ୍ପମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର, ୦୬ / ୮ ନ୍ୟୁଜ ବ୍ୟୁରୋ

୨୦୦୮ ମସିହାରେ ପ୍ରଥମ କରି ହାଇଦ୍ରାବାଦଠାରେ ଆମେରିକାର କନ୍‌ସୁଲ ଜେନେରାଲ ଅଫିସ ସ୍ଥାପିତ ହୋଇଥିଲା । ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟକୁ ନେଇ ଏହି ହାଇଦ୍ରାବାଦ କନ୍‌ସୁଲେଟ୍ ଅଫିସ କାର୍ଯ୍ୟ କରି ଆସୁଛି । ମୁଖ୍ୟତଃ ଭାରତର ଅଧିବାସୀ ଓ ଭାରତ ସରକାରଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଉଦ୍ଦେଶ୍ୟରେ ଏହି କନ୍‌ସୁଲ ଜେନେରାଲ କାର୍ଯ୍ୟ କରିଆସୁଛି । ଏହା ବ୍ୟତୀତ ଏହି ତିନିଗୋଟି ରାଜ୍ୟର ବ୍ୟବସାୟ ବାଣିଜ୍ୟ ସହ ମଧ୍ୟ କନ୍ସୁଲ ଜେନେରାଲ ଅଫିସ ସୁସମ୍ପର୍କ ରଖିଥାଏ । ଓଡ଼ିଶା ସହ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଅପରାହ୍ନରେ ହାଇଦ୍ରାବାଦର କନ୍‌ସୁଲ ଜେନେରାଲ ମୁଖ୍ୟ ଜେନିଫର ଲାର୍ସନ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ଦେଖା କରି ରାଜ୍ୟରେ ଶିଳ୍ପର ସମ୍ଭାବନା, ଶିଳ୍ପଭିତ୍ତିକ ନିଯୁକ୍ତି ଓ ରପ୍ତାନୀ-ଆମଦାନୀ, ଖଣିଜ ପଦାର୍ଥ ରପ୍ତାନୀ– ଆମଦାନୀ ସମ୍ପର୍କରେ ଆଲୋଚନା କରିଥିଲେ । ଆଲୋଚନା କାଳରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ପାରାଦ୍ୱୀପ ହିଁ ଭାରତର



ଦ୍ୱିତୀୟ ସର୍ବୋତ୍ତମ ଓ ସର୍ବବୃହତ ବନ୍ଦର । ଏହି ବନ୍ଦର ବାଟ ଦେଇ ବିଭିନ୍ନ ଖଣିଜ ଦ୍ରବ୍ୟ, ପେଟ୍ରୋକେମିକାଲ, କେମିକାଲସ୍, ସି-ଫୁଡ୍, ମାଙ୍ଗାନିଜ ଓ ଆଇରନ୍ ଓର୍ ଦେଶର ଅନ୍ୟାନ୍ୟ ସ୍ଥାନ ତଥା ବିଦେଶ ଯଥା –ଚୀନ, ଜାପାନ, ମ୍ୟାଲେସିଆ, ଭିଏତନାମ୍, ଇଣ୍ଡୋନେସିଆ, ମଙ୍ଗୋଲିଆ ଆଦି ସ୍ଥାନକୁ ରପ୍ତାନୀ ହେଉଛି । କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, ସମ୍ବଲପୁର ଆଦି ସ୍ଥାନରୁ ପାରାଦ୍ୱୀପ, ଧାମରା ଓ ଗୋପାଳପୁର ପୋର୍ଟ ମଧ୍ୟ ଦେଇ ଏହି ରପ୍ତାନୀ କାରବାର ହେଉଛି । ଓଡ଼ିଶାରେ ଲଜିଷ୍ଟିକ୍ ମାଇନିଂ ବା ମେକାନାଇଜେସନ୍ ଅଫ୍ ମାଇନିଂ ହେବା ସହ ଡିଜିଟାଇଜେସନ୍ ଅଫ୍ ମାଇନିଂ କାର୍ଯ୍ୟକ୍ରମ ଚାଲୁରହିଛି । ଏହି ଅବସରରେ ଇଡ୍‌କୋ ଅଧ୍ୟକ୍ଷ ଭୂପିନ୍ଦର ସିଂ ପୁନିଆ କହିଥିଲେ ଯେ ସିଙ୍ଗାପୁର ଢାଞ୍ଚାରେ ଆମେ ଓଡ଼ିଶାରେ ଦକ୍ଷତା ମାନବସମ୍ବଳ ସୃଷ୍ଟି କରିବା ସହ ବିକାଶ କରିଛୁ । ଦକ୍ଷ, ଶୃଙ୍ଖଳିତ ମାନବସମ୍ବଳ ଆମର ଏକ ବଡ଼ ସଫଳତା । ଦକ୍ଷ ମାନବସମ୍ବଳ ନେଇ ଆମେ ମାଲେସିଆ, ଭିଏତ୍‌ନାମ୍‌ରେ ଇଲେକ୍‌ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପରେ ଆଗୁଆଅଛୁ । ଏହି ଅବସରରେ ଜେନିଫର ଲାର୍ସନ୍ ଓ ତାଙ୍କର ୬ ଜଣିଆ ଟିମ୍‌କୁ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପଢୌକନ ତଥା କଟକର ପ୍ରସିଦ୍ଧ ତାରକସି କାର୍ଯ୍ୟର ଏକ ବୋଇତ ପ୍ରଦାନ କରିଥିଲେ । ଜେନିଫରଙ୍କ ଟିମ୍ ମଧ୍ୟ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓ ତାଙ୍କର ଅଫିସରମାନଙ୍କୁ ଉପହାର ପ୍ରଦାନ କରିଥିଲେ ।

## ୪୦୦୦ ଶ୍ରବଣବାଧିତ ଛାତ୍ରଛାତ୍ରୀଙ୍କୁ ଦିଆଯିବ ସାଙ୍କେତିକ ଭାଷା ତାଲିମ୍

# ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ରାଜିନାମା ସ୍ୱାକ୍ଷର

ଭୁବନେଶ୍ୱର, ୦୬ /୮
ନ୍ୟୁଜ ବ୍ୟୁରୋ

ଓଡ଼ିଶାରେ ସାଙ୍କେତିକ ଭାଷାର ପ୍ରସାରକୁ ଗୁରୁତ୍ୱ ଦେବା ପାଇଁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସଏସଇପିଡ଼ି), ଅଲି ଜବର ଜଙ୍ଗ୍ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ ଅଫ୍ ସ୍ପିଚ୍ ଆଣ୍ଡ ହିୟରିଂ ଡିସଏବିଲିଟିଜ୍ ସହ ଏକ ଗୁରୁତ୍ୱପୂର୍ଣ୍ଣ ରାଜିନାମା ସ୍ୱାକ୍ଷର କରିଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତରେ ଏହି ରାଜିନାମା ସ୍ୱାକ୍ଷର କରାଯାଇଛି ।

ଏହି ରାଜିନାମା ଅନ୍ତର୍ଗତ ପ୍ରାୟ ୧୦୦ ଜଣ ଦକ୍ଷ ସାଙ୍କେତିକ ଭାଷା ଅନୁବାଦକଙ୍କୁ ନେଇ ଏକ କ୍ୟାଡ଼ର ସୃଷ୍ଟି କରାଯିବା ସହ ରାଜ୍ୟର ୫୫ଟି ଶ୍ରବଣବାଧିତ ସ୍ୱତନ୍ତ୍ର ବିଦ୍ୟାଳୟରେ ୪୦୦୦ ଛାତ୍ରଛାତ୍ରୀ, ୮୦୦ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟରେ ସାଙ୍କେତିକ ଭାଷା ଅନୁବାଦକଙ୍କ ଆବଶ୍ୟକତା ରହିଛି । ଏହା ଦ୍ୱାରା ଶ୍ରବଣବାଧିତ ଛାତ୍ରଛାତ୍ରୀମାନେ ଅତ୍ୟାବଶ୍ୟକ ସେବା, ଶିକ୍ଷାଗତ ସୁବିଧା ପାଇପାରୁ ନାହାଁନ୍ତି । ଏହି ବ୍ୟବଧାନକୁ ଦୂର କରିବା ପାଇଁ ଏହି ରାଜିନାମା ସ୍ୱାକ୍ଷର କରାଯାଇଛି । ଏହା ଦ୍ୱାରା ସମାଜରେ ସେମାନଙ୍କ ଅଂଶୀଦାରୀ ବଢ଼ିବା ସହ ସାମଗ୍ରିକ ବିକାଶରେ ସହାୟତା ହେବ ।

ଅନ୍ୟପକ୍ଷେ, ଏହି କାର୍ଯ୍ୟକ୍ରମରେ ସମ୍ପ୍ରସାରଣ ଦ୍ୱାରା ଶ୍ରବଣବାଧିତମାନେ ସମାଜର ବିଭିନ୍ନ ସ୍ତରରେ ବିନା କୌଣସି ସମସ୍ୟାରେ କାର୍ଯ୍ୟ କରିପାରିବେ । ସେମାନଙ୍କ ପାଇଁ ଚାକିରି ସୁଯୋଗ ସୃଷ୍ଟି ହେବ ଓ ସେମାନଙ୍କ ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମତ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନରେ ଏସଏସଇପିଡ଼ି ବିଭାଗର କାର୍ଯ୍ୟାଳୟରେ ଏହି ରାଜିନାମା ସମାରୋହ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ବିଭାଗୀୟ ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ଡ଼ ଲାନୁ ୱାନବଏ ଓ ଓଆରଏଫ୍ ଅକ୍ଷୟ ସାଗର ପ୍ରମୁଖ ଉପସ୍ଥିତ ଥିଲେ ।

# ଏଣିକି ଭିଡ଼ ଭିତରେ ଅପରାଧି ଚିହ୍ନିବା ହେବ ସହଜ



ଭୁବନେଶ୍ୱର, ୬/୮ ନ୍ୟୁଜ ବ୍ୟୁରୋ

ଏଣିକି ଭିଡ଼ ଭିତରେ ଅପରାଧି ଚିହ୍ନିବା ହେବ ସହଜ । ସନ୍ଦିଗ୍ଧ ଅପରାଧିଙ୍କୁ ଚିହ୍ନିବା ପାଇଁ ଟେକ୍ନୋଲୋଜି ବ୍ୟବହାର କରୁଛି ଓଡ଼ିଶା ପୋଲିସ । ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ହେଉ କିମ୍ବା ବିଭିନ୍ନ ଖଟି ଆଡ୍ଡା ଓ ସନ୍ଦିଗ୍ଧ ସ୍ଥାନରେ କମିଶନରେଟ ପୋଲିସ ଆପ୍ଲିକେସନର ବ୍ୟବହାର କରି ଅପରାଧିଙ୍କୁ ଚିହ୍ନଟ କରୁଥିବା ଜଣାପଡିଛି । ଫୋନରେ ସେମାନଙ୍କର ଫଟୋ ଉଠାଇ ସେହି ଆପ ଜରିଆରେ ଯାଞ୍ଚ କରୁଛି । ଅପରାଧିଙ୍କର ପୃଷ୍ଠଭୂମି ଯାଞ୍ଚ କରିବା ପାଇଁ ଓଡ଼ିଶା ପୋଲିସ ଏକ ଆପର ବ୍ୟବହାର କରିବାକୁ ଯାଉଛି । ଯାହାର ନାଁ ରହିଛି ଆଇବିଆଇଓଏସ୍ ବା ଏମବିସି । ଯାହାକୁ ଟେଷ୍ଟିଂ ପ୍ରକ୍ରିୟାରେ କମିଶନରେଟ ପୋଲିସ ଏବେ ସହରରେ ଚେକିଂ ସମୟରେ ବ୍ୟବହାର କରୁଛି । ଯେକୌଣସି ସ୍ଥାନରେ ଅପରାଧିକ ତତ୍ତ୍ୱ ବା କାର୍ଯ୍ୟକଳାପରେ କାହାକୁ ସନ୍ଦେହ ହେଉଛି ତୁରନ୍ତ ସେହି ଆପ ଜରିଆରେ ସେହି ଲୋକର ଫଟୋ ଉଠାଇ ଯାଞ୍ଚ କଲେ ପୁରା ତଥ୍ୟ ମିଳିପାରୁଛି । ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, 'ସିସିଟିଏନସରେ ଆମର ଯେତେ କେସ ହେଉଛି ଓ ଯେଉଁମାନେ ଗିରଫ ହେଉଛନ୍ତି ସେମାନଙ୍କର ତଥ୍ୟକୁ ଫଟୋ ଓ ଗିରଫ ସମୟର ତଥ୍ୟ ସଂଗ୍ରହ କରାଯାଇଥାଏ । ଷ୍ଟେଟ କ୍ରାଇମ ରେକର୍ଡ ବ୍ୟୁରୋ ଗୋଟେ ନୂଆ ଆପ୍ଲିକେସନ ଡେଭଲପ କରିଛି । ସେହି ଆପ୍ଲିକେସନ ଦ୍ୱାରା ଯେତେବେଳେ ଚେକିଂ ହେଉଛି ଆଉ କୌଣସି ଯାଗାରେ ସନ୍ଦେହଜନକ ଲୋକକୁ ପାଉଛୁ । ବହୁତ ବେନିଫିଟ ରହିବ ଆମର ପିସିଆର ଏବଂ ଏନଫୋର୍ସମେଣ୍ଟ ସମୟରେ । ଲୋକଙ୍କର ପରିଚୟ ଜାଣିହେବ ବା ତା'ର ଚରିତ୍ର ବା ଅପରାଧିକ କାର୍ଯ୍ୟକଳାପ ବିଷୟରେ ଅନ ସ୍ପଟ ଜାଣିହେବ । ଅନେକ ସମୟରେ ରାଜ୍ୟ ବାହାରର ଅନେକ ପେଷାଦାର ଅପରାଧି ଅପରାଧ ଘଟାଇଥାନ୍ତି ଲୁଚିବା ପାଇଁ ଅନ୍ୟରାଜ୍ୟକୁ ପଳାଇ ଆସିଛନ୍ତି । ବିଶେଷ କରି ରାଜ୍ୟ ବାହାରୁ ତାମିଲ ଗ୍ୟାଙ୍ଗ, ମୋ ବସ୍ ଲୁଟେରା ଓ ଡକାୟତି ଗ୍ୟାଙ୍ଗ ଭଳି ଅନେକ ଅପରାଧି ଲୁଟ୍ ପାଇଁ ବୁଲୁଥାନ୍ତି । ଆପ ମାଧ୍ୟମରେ ଯାଞ୍ଚ କରିବା ଦ୍ୱାରା ସେମାନଙ୍କୁ ପୋଲିସ ସହଜରେ ଟ୍ରାକକରି ପାରିବ ।

# ଅଙ୍ଗଦାନ କରିବେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ, ୬/୮ ନ୍ୟୁଜ ବ୍ୟୁରୋ

ଅଙ୍ଗଦାନ ନେଇ ଘୋଷଣା କଲେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରି ଶରଣ ସିଂହ । ଏସସିବି ମେଡ଼ିକାଲ କଲେଜ ପରିସରରେ ଆୟୋଜିତ ଜାତୀୟ ଅଙ୍ଗଦାନ ଦିବସ ପାଳନ ଅବସରରେ ସେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଏହି ଘୋଷଣା କରିବା ସହିତ ଏଥିପାଇଁ ସମସ୍ତଙ୍କୁ ଆଗକୁ ଆସିବାକୁ ଆହ୍ୱାନ ଦେଇଛନ୍ତି । ଏସସିବିର ୟୁରୋଲୋଜି, ନେଫରୋଲୋଜି ବିଭାଗ, ସୋଟୋ ଓ ଛାତ୍ରସଂଘର ମିଳିତ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ଜାତୀୟ ଅଙ୍ଗଦାନ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରି ଶରଣ ସିଂହ, ସମ୍ମାନିତ ଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । ଏହି ଅବସରରେ ଆସନ୍ତା ବର୍ଷ ଠାରୁ ଏମବିବିଏସ ପାଠ୍ୟକ୍ରମରେ ଅଙ୍ଗଦାନ ଓ ପ୍ରତିରୋପଣ ବିଷୟକୁ ସ୍ଥାନ ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଥିଲା । ରାଜ୍ୟ ସରକାର ଅଙ୍ଗଦାନ ଅଭିଯାନକୁ ତ୍ୱରାନ୍ୱିତ କରିବା ସହିତ ପ୍ରତିରୋପଣ ପାଇଁ ଆଗାମୀ ଦିନରେ ମେଡିକାଲରେ ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଅଙ୍ଗଦାନ କରିଥିବା ପରିବାରଙ୍କୁ ସମ୍ମାନିତ କରାଯାଇଥିଲା ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନିୟମିତତା ଅଭିଯୋଗ : ତଦନ୍ତ ଦାବି କଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୬/୮ ନ୍ୟୁଜ ବ୍ୟୁରୋ

ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନିୟମିତତା ହୋଇଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ଦାବି କରିଛନ୍ତି । ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟଙ୍କ ବିରୋଧରେ ଏହି ଅନିୟମିତତା ଅଭିଯୋଗ ଆଣିଛନ୍ତି । କୁଳପତି ଅନିୟମିତତା କରି ନିଜର ସମ୍ପର୍କୀୟମାନଙ୍କୁ ନିଯୁକ୍ତି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ସମସ୍ତ ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେମାନେ ରାସ୍ତାକୁ ଓହ୍ଲାଇବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀ କରି ଚେତାବନୀ ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, କୁଳପତିଙ୍କ ତତ୍ତ୍ୱାବଧାନରେ ପିଏ କରୁଥିବା ଜଣେ ଛାତ୍ରୀଙ୍କୁ ଅନିୟମିତତା କରି ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି । ପୂର୍ବରୁ ସେ ଅନ୍ୟ ପଦରେ କାର୍ଯ୍ୟରତ ଥିବାବେଳେ ରୁଷା ପାଣ୍ଠିରୁ ଦରମା ମଧ୍ୟ ନେଉଥିଲେ । ତାଙ୍କ କାର୍ଯ୍ୟକାଳ ଆସନ୍ତା ନଭେମ୍ବରରେ ଶେଷ ହେବାକୁ ଥିବାବେଳେ ତା ପୂର୍ବରୁ ତାଙ୍କୁ ପପୁଲେସନ୍ ରିସର୍ଚ୍ଚ ସେଣ୍ଟରରେ ଫିଲ୍‌ଡ୍ ଅଫିସର ଭାବେ ନିଯୁକ୍ତି ଦିଆଯଇଛି । ଏହି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରି ନ ଥିବାବେଳେ କିପରି ତାଙ୍କୁ ନିଯୁକ୍ତି ଦିଆଗଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ସେହିପରି କୁଳପତି ତାଙ୍କ ସ୍ୱାମୀଙ୍କୁ ମଧ୍ୟ ବିଶ୍ୱବିଦ୍ୟାଳୟରେ ଅନିୟମିତତା କରି ନିଯୁକ୍ତି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି । ଇନୋଭେସନ୍ ଆଣ୍ଡ ଇନ୍‌କ୍ୟୁବେସନ୍ ସେଣ୍ଟରରେ ସେ ଉଚ୍ଚ ଦରମା ପାଉଛନ୍ତି । ତାଙ୍କ ନିଯୁକ୍ତି ପ୍ରକ୍ରିୟାର ତଦନ୍ତ କରିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି । ଅନୁରୂପ ଭାବେ ନିଜ ଝିଅଙ୍କୁ ବିନା ସାକ୍ଷାତକାରରେ ପିଏଚ୍‌ଡି କରିବାକୁ ବିଶ୍ୱବିଦ୍ୟାଳୟରେ ସୁଯୋଗ ଦେଇଛନ୍ତି । ବହୁ ମେଧାବୀ ଛାତ୍ରଛାତ୍ରୀ ପିଏଚ୍‌ଡି ପାଇଁ ସିଟ୍ ପାଉ ନ ଥିବା ବେଳେ କୁଳପତି ହୋଇଥିବାରୁ ଗାଇଡଙ୍କ ଉପରେ ଚାପ ପକାଇ ତାଙ୍କ ଝିଅକୁ ସୁଯୋଗ ଦେଇଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି । ସାମ୍ବାଦିକ ସମ୍ମିଳନୀ କରିଥିବା ଛାତ୍ରଙ୍କ ମଧ୍ୟରେ ସାବାଗତ ଅନୁରାଗ ସାହୁ, ଦିଗବିଜୟ ପ୍ରଧାନ, ସଚ୍ଚିଦାନନ୍ଦ ମହାରଣା, ଲେଲିନ୍ କୁମାର ଜେନା ଓ ଚନ୍ଦନ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ସମ୍ପର୍କରେ କୁଳପତି କହିଛନ୍ତି, ସମସ୍ତ ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ ଭାବେ କରାଯାଉଛି । ସମସ୍ତ ନିଯୁକ୍ତି ପାଇଁ ବିଜ୍ଞପ୍ତି ହେବା ସହ ଚୟନ କମିଟି ଚୂଡ଼ାନ୍ତ କରିଥାଏ । ଏହାପରେ ସିଣ୍ଡିକେଟ୍ ଅନୁମୋଦନ ମିଳିବା ପରେ ହିଁ ନିଯୁକ୍ତି ଦିଆଯାଇଥିବା ସେ କହିଛନ୍ତି ।

